**ସଂକ୍ଷେପରେ**

## ପୋଲରେ ପିଟିହୋଇ ବାଇକ୍ ଚାଳକ ମୃତ



**ରସୁଲପୁର,୧୨।୪(ରଞ୍ଜିତ ରାଉତ):** କୁଆଖିଆ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଡାଇଭର୍ସନ ନିକଟ ପୋଲରେ ପିଟି ହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ନଠୁଆବର ପଞ୍ଚାୟତର ଶାନ୍ତନୁ ପଣ୍ଡାଙ୍କ ପୁଅ ବିଶ୍ୱଜିତ୍ ବୋଲି ଜଣାପଡ଼ିଛି। ଗୁରୁବାର ରାତିରେ ବିଶ୍ୱଜିତ୍ ତାଙ୍କ ସାଙ୍ଗକୁ କୁଆଖିଆ ବସଷ୍ଟାଣ୍ଡକୁ ବସ୍‌ରେ ବସାଇବାକୁ ଆସିଥିଲେ। ସାଙ୍ଗକୁ ବିଦାୟ ଦେବା ପରେ କୌଣସି ଏକ କାର୍ଯ୍ୟରେ ପାଣିକୋଇଲି ଅଭିମୁଖେ ଯାଉଥିଲେ। କିଛି ବାଟ ଯିବା ପରେ ସେ ଭୁଲ୍‌ବଶତଃ ରାଜପଥରେ ଭୁଶୁଡ଼ି ପଡ଼ିଥିବା ପୋଲ ଆଡ଼କୁ ଚାଲିଯାଇଥିଲେ। ସେଠାରେ ଥିବା ଭଙ୍ଗା ପୋଲରେ ତାଙ୍କ ବାଇକ୍ ପିଟି ହୋଇ ଯାଇଥିଲା। ସେ ବାଇକ୍‌ରୁ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ନଂ.୧୫୯।୨୪ରେ ଏକ ମାମଲା ରୁଜୁ ହୋଇଛି।

# ମାଟି ଉପରେ ଦିଶୁଛି ପାଣି ପାଇପ୍

- ସୁକିନ୍ଦା ମେଗା ଜଳ ଯୋଗାଣ ପ୍ରକଳ୍ପ
- ଦୁର୍ବଳ କାର୍ଯ୍ୟ କରି ବିପୁଳ ଅର୍ଥ ଆତ୍ମସାତ
- ଲୋକାୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କଲେ ଗ୍ରାମବାସୀ



ମାଟି ଉପରେ ଦିଶୁଛି ସୁକିନ୍ଦା ମେଗା ଜଳଯୋଗାଣ ପ୍ରୋଜେକ୍ଟର ପାଇପ୍ ।

**ଯାଜପୁର,୧୨।୪(ହର୍ଷବର୍ଦ୍ଧନ ବେହେରା)**

ବ୍ରାହ୍ମଣୀ ନଦୀରୁ ଯାଜପୁର ଜିଲାର ସୁକିନ୍ଦା ଖଣି ଅଞ୍ଚଳର ୫୨ ଗ୍ରାମକୁ ପାଇପ୍ ଯୋଗେ ଜଳଯୋଗାଣ ଲକ୍ଷ୍ୟ ପଥଚ୍ୟୁତ ହୋଇଛି। ଏହା ଦ୍ୱିତୀୟ ପ୍ରକଳ୍ପ ଭାବେ ଓଏମ୍‌ବିଏଡିସି (ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ) ପାଣ୍ଠିରୁ ୧୦୧.୨୪ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା ନାଗାର୍ଜୁନ କନଷ୍ଟ୍ରକ୍ସନ କମ୍ପାନୀ (ଏନ୍‌ସିସି)କୁ ବିଭାଗୀୟ ଅଧିକାରୀଙ୍କ ଅନୁକମ୍ପା ପ୍ରଦର୍ଶନ ଏହାର ପ୍ରମୁଖ କାରଣ ହୋଇଛି। ଏହାର ସୁଯୋଗରେ ଏନସିସି କେତେକ ପେଟି କଣ୍ଟ୍ରାକ୍ଟରଙ୍କ ଜରିଆରେ ଅତି ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରି ଏବଂ ଆବଶ୍ୟକ ଗାତ ନ ଖୋଳି ପାଇପ୍ ବିଛାଯାଇଛି। ତେଣୁ ଏହାର ସ୍ଥାୟିତ୍ୱ ଉପରେ ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି। କିନ୍ତୁ ଏହାକୁ ବିଭାଗୀୟ ଅଧିକାରୀମାନେ ସନ୍ତୋଷଯୋଗ୍ୟ କାର୍ଯ୍ୟ ବୋଲି ଦର୍ଶାଇଥିବାରୁ ଠିକାସଂସ୍ଥାକୁ ବିଲ୍ ପୈଠ ହୋଇଛି। ଏଥିରେ ବିପୁଳ କୋଟି ଟଙ୍କାର ଲାଞ୍ଚ କାରବାର ହୋଇଥିବା ସନ୍ଦେହ ହେଉଛି। ଏହିମର୍ମରେ ସୁକିନ୍ଦାଗଡ଼ ପଞ୍ଚାୟତବାସୀଙ୍କ ପକ୍ଷରୁ ଓଏମ୍‌ବିଏଡିସିର ସିଇଓ, ଯାଜପୁର ଜିଲାପାଳଙ୍କ ସହ ଲୋକାୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ଶାହା କମିଶନଙ୍କ ରିପୋର୍ଟ ଆଧାରରେ ସୁପ୍ରିମକୋର୍ଟ ଖଣିଜ ପଦାର୍ଥ ଲୁଟିଥିବା ଲିଜଧାରୀଙ୍କଠାରୁ କ୍ଷତିପୂରଣ ବାବଦକୁ ୧୮ ହଜାର କୋଟି ଟଙ୍କା ଆଦାୟ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅର୍ଥରେ ଓଏମ୍‌ବିଏଡିସି ଗଠିତ ହୋଇଥିଲା। ଓଏମବିଏଡିସି ଅର୍ଥକୁ ବୋର୍ଡ ଅଫ୍ ଡାଇରେକ୍ଟର ଏବଂ ଓଭରସାଇଟ୍ ଅଥରିଟିଙ୍କ ଅନୁମୋଦନ ନେଇ ୭ଟି କ୍ଷେତ୍ରରେ ବ୍ୟୟ କରାଯିବା ପାଇଁ ସ୍ଥିର କରାଯିବା ପରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହିକ୍ରମରେ ଯାଜପୁର ଜିଲା ଖଣି ପ୍ରଭାବିତ ସୁକିନ୍ଦା ଅଞ୍ଚଳରେ ୩ଟି ପ୍ରକଳ୍ପ ପାଇଁ ୨୩୫.୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ କାଳିଆପାଣି ଓ ଖଣି ପ୍ରଭାବିତ ୨୪ଟି ଗ୍ରାମ ପାଇଁ ସୁକିନ୍ଦା–୧ ପ୍ରକଳ୍ପରେ ୭୯.୮୫ କୋଟି, ୧୯ ଗ୍ରାମ ପାଇଁ ସୁକିନ୍ଦା–୨ ପ୍ରକଳ୍ପରେ ୫୪.୮୧ ଏବଂ ୫୨ ଗ୍ରାମଗୁଡ଼ିକ ପାଇଁ ସୁକିନ୍ଦା–୩ ପ୍ରକଳ୍ପରେ ୧୦୧.୮୧ କୋଟି ବ୍ୟୟଅଟକଳ ହୋଇଥିଲା। ପ୍ରଥମ ଏବଂ ଦ୍ୱିତୀୟ ପ୍ରକଳ୍ପ ଶେଷ ହୋଇ ନିର୍ଦ୍ଧାରିତ ଗ୍ରାମଗୁଡ଼ିକୁ ପାଇପ୍ ଯୋଗେ ଶୁଦ୍ଧ ଜଳ ଯୋଗାଇ ଦିଆଯାଉଛି ବୋଲି ବିଭାଗ ପକ୍ଷରୁ ଦାବି କରାଯାଇଛି। ତୃତୀୟ ପ୍ରକଳ୍ପ ପ୍ରାୟ ଶେଷ ଅବସ୍ଥାରେ ରହିଛି। କିନ୍ତୁ ବାସ୍ତବରେ ନିର୍ଦ୍ଧାରିତ ଗ୍ରାମଗୁଡ଼ିକୁ ଏଯାଏ ଜଳଯୋଗାଣ ହୋଇ ପାରି ନଥିବା ମତପ୍ରକାଶ ପାଇଛି। ଏନ୍‌ସିସି ଠିକାସଂସ୍ଥା ପକ୍ଷରୁ ନିମ୍ନମାନର କାର୍ଯ୍ୟ ଏହାର ପ୍ରମୁଖ କାରଣ ବୋଲି ମତପ୍ରକାଶ ପାଇଛି।

ଲୋକାୟୁକ୍ତରେ ଗ୍ରାମବାସୀ କରିଥିବା ଅଭିଯୋଗ ଅନୁସାରେ ଏଚ୍‌ଡିପି ପାଇପ୍ ୯୦ ଏମ୍‌ଏମ୍ ଓ ୧୧୦ ଏମ୍‌ଏମ୍ ମାଟି ତଳେ ପୋତାଯାଇଛି। ୧ ମିଟର ମାଟି ତଳେ ଏହା ପୋତା ହେବା ସ୍ଥଳେ ବିଭିନ୍ନ ସ୍ଥାନରେ ୧ ଫୁଟ ତଳେ ପାଇପ୍ ପୋତି ଦିଆଯାଇଛି। ଫଳରେ ବିଭିନ୍ନ ସ୍ଥାନରେ ବାହାରକୁ ପାଇପ୍ ଦିଶୁଛି। କିନ୍ତୁ ୧ ମିଟର ତଳେ ପାଇପ୍ ପୋତାଯାଇଛି ବୋଲି ସରକାରଙ୍କୁ ରିପୋର୍ଟ ଦେଇ ବିପୁଳ କୋଟି ଟଙ୍କା ବିଲ୍ ଉଠାଯାଇଛି। ଏହା ପୂର୍ବରୁ ପ୍ରଥମ ପ୍ରକଳ୍ପର କାର୍ଯ୍ୟ ଅଗ୍ରଗତି ଉପରେ ବିଭାଗୀୟ ଯନ୍ତ୍ରୀ ପ୍ରାଧିକରଣ ପକ୍ଷରୁ ନିରୀକ୍ଷଣ କରାଯାଇଥିଲା। ନିରୀକ୍ଷଣ ବେଳେ ଆବଶ୍ୟକଠାରୁ କମ ଗାତ ଖୋଳି ପାଇପ୍ ବିଛା, ପାଟନାଠାରେ ନିର୍ମାଣାଧୀନ ଇଏସଆର ସ୍ତମ୍ଭରେ ସିଧା(ଭର୍ଟିକାଲ) ଭାବେ ନିର୍ମାଣ ନ ହେବା ଇତ୍ୟାଦି ଦେଖିବାକୁ ମିଳିଥିଲା। ଏହାପରେ ଇଞ୍ଜିନିୟର୍ସ ଅଥରିଟିରେ ରିପୋର୍ଟକୁ ଭିତ୍ତିକରି ବିଭାଗୀୟ ଇଞ୍ଜିନିୟର–ଇନ୍–ଚିଫ୍ ତାଙ୍କ ପତ୍ରସଂଖ୍ୟା ୭୨୨୮/୨୮।୮।୨୦୨୯ରେ କଟକ ଆରଡବ୍ଲ୍ୟୁଏସ୍‌ଏସ୍ ସର୍କଲ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ତୁରନ୍ତ ପ୍ରକଳ୍ପ ଅଞ୍ଚଳ ବୁଲି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏହି ପ୍ରକଳ୍ପର ବିଭିନ୍ନ କଂକ୍ରିଟ ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର ହେବାକୁ ଥିବା ଷ୍ଟିଲ ସାମଗ୍ରୀର ଗୁଣାବତ୍ତା ଉପରେ ଯନ୍ତ୍ରୀ ପ୍ରାଧିକରଣର ଏମ୍‌ଏସ୍‌ଭି ଇଣ୍ଟରନ୍ୟାଶନାଲ ପକ୍ଷରୁ ପରୀକ୍ଷା କରାଯାଇଥିଲା। ପରୀକ୍ଷାରେ ଷ୍ଟିଲ ସାମଗ୍ରୀ ବ୍ୟବହାର ଅନୁପଯୋଗୀ ବୋଲି ଅଥରିଟି ଜାଣିବାକୁ ପାଇଁ ବିଭାଗକୁ ସୂଚିତ କରିଥିଲା। ଏହି ରିପୋର୍ଟ ଆଧାରରେ ଆରଡବ୍ଲ୍ୟୁଏସ୍‌ଏସ୍‌ର ଇଞ୍ଜିନିୟର–ଇନ–ଚିଫ୍ ତାଙ୍କ ପତ୍ର ସଂଖ୍ୟା ୬୦୩୩/୧୫।୭।୨୦୨୯ରେ ସମ୍ପୃକ୍ତ କମ୍ପାନୀରୁ କିଣାଯାଇଥିବା ସମସ୍ତ ଷ୍ଟିଲ ସାମଗ୍ରୀକୁ ହଟାଇ ଦେବାକୁ ଠିକାସଂସ୍ଥା ଏନସିସିର ସିନିୟର ମେନେଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କେତେକ ବିଭାଗୀୟ ଅଧିକାରୀଙ୍କୁ ହାତ କରି ଏହି ବିପଦରୁ ମୁକୁଳିବାରେ ଏନସିସି ସଫଳ ହୋଇ ପାରିଥିଲା। ଏବେ ପୁଣି ଗ୍ରାମବାସୀଙ୍କ ପକ୍ଷରୁ ଅନୁରୂପ ଅଭିଯୋଗ ହୋଇଛି। ଠିକାସଂସ୍ଥା ଏନ୍‌ସିସି ଓ ବିଭାଗୀୟ ସମ୍ପୃକ୍ତ ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତୁରାରେ ଏଭଳି ନିମ୍ନମାନର କାମ ହୋଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଅମଳେନ୍ଦୁ ବେହୁରା, ସତ୍ୟଜିତ ଦାସ, ତୁଷାର ରଞ୍ଜନ ଦାସ, ହମିଦ ଖାନ୍, କ୍ଷୀରୋଦ ନାୟକ, ସୁଶାନ୍ତ କୁମାର ମହାନ୍ତ ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ୨ ଦିନ ତଳେ ତଦନ୍ତରେ ଆସିଥିବା ଆରଡବ୍ଲ୍ୟୁଏସ୍‌ଏସ୍‌ର ଚିଫ ଇଞ୍ଜିନିୟର ମୋତିଲାଲ ତିୱାରୀ କହିଥିଲେ, ତଦନ୍ତ ରିପୋର୍ଟ ଆସିବା ପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ। ତେବେ ଏହି ପ୍ରକଳ୍ପ ଆରମ୍ଭ ସମୟରେ ଚିଫ୍ ଇଞ୍ଜିନିୟର ତିୱାରି ଚଣ୍ଡିଖୋଲ ଆରଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ଥିଲେ। ତେଣୁ ଉକ୍ତ ତଦନ୍ତ ରିପୋର୍ଟ କେତେ ନିରପେକ୍ଷ ହେବ ତାହା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

## ଜମି ବିବାଦକୁ ନେଇ ମାରପିଟ, ୨ ଗିରଫ

**ରସୁଲପୁର,୧୨।୪(ରଞ୍ଜିତ ରାଉତ):** କୁଆଖିଆ ଥାନା ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ଉମାଦେବୀ ପାଟଣା ଗ୍ରାମରେ ଜମି ବିବାଦକୁ ନେଇ ମାରପିଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ହେମନ୍ତ ସାହୁ ଓ ବାପିନା ସାହୁ।

ଅଭିଯୋଗ ମୁତାବକ, ସୁଧାକର ସାହୁଙ୍କ ପରିବାର ପକ୍ଷରୁ ଘରବାରି ଜମି ମାପଚୁପ୍ ହେଉଥିଲା। ମାପ ଆଧାରରେ ସୁଧାକର ଓ ତ୍ରିଲୋଚନ ପରିବାର ପକ୍ଷରୁ ସୀମାରେ ଖୁଣ୍ଟ ପୋତାଯାଉଥିଲା। ଏହାକୁ ପଡ଼ୋଶୀ ଶିଶିର ସାହୁଙ୍କ ପରିବାର ପକ୍ଷରୁ ବିରୋଧ କରାଯାଇଥିଲା। ଏପରିକି ଶିଶିରଙ୍କ ପୁଅ ହେମନ୍ତ ସାହୁ, ବାପିନା ସାହୁ, ପପୁନା ସାହୁ, ସୁମନ୍ତ ସାହୁ ପ୍ରମୁଖ ସଂଘବଦ୍ଧ ଭାବରେ ପୋତାଯାଉଥିବା ଖୁଣ୍ଟକୁ ଓପାଡ଼ି ଦେଇଥିଲେ। ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ସୁମନ୍ତ ଓ ଅନ୍ୟ ଭାଇମାନେ ସେମାନଙ୍କ ହାତରୁ ଶାବଳ ଛଡାଇ ଆଣି ଆକ୍ରମଣ କରିଥିଲେ। ଏଥିରେ ତ୍ରିଲୋଚନ ଓ ସୁମନ୍ତ ଆହତ ହୋଇଥିଲେ। ଆହତମାନଙ୍କୁ ପରିବାର ଲୋକେ ସ୍ଥାନୀୟ ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇବା ସହ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ନଂ.୧୫୬।୨୪ରେ ଏକ ମାମଲା ରୁଜୁ ହୋଇଛି। ଉକ୍ତ ଘଟଣାରେ ଅପରପକ୍ଷରୁ ପାଲଟା ଅଭିଯୋଗ ହୋଇଛି। ଏଏସ୍‌ଆଇ ନରେନ କୁମାର ଦାସ ମାମଲାର ତଦନ୍ତ କରୁଛନ୍ତି।

## ବରୀ ବିଜେଡି ଟିକେଟ ଆଶାରେ ଅଶୋକ ସାମଲ



**ବରୀ,୧୨।୪(ମହେନ୍ଦ୍ର ସ୍ୱାଇଁ):** ନିର୍ବାଚନ ଯେତିକି ପାଖେଇ ଆସୁଛି ଯାଜପୁର ଜିଲାର ବରୀ ରାଜନୀତି ପାଣିପାଗରେ ସେତିକି ପରିବର୍ତ୍ତନ ଦେଖାଦେଉଛି। ଏଯାଏ ବରୀରେ ପ୍ରମୁଖ ରାଜନୈତିକ ଦଳ କାହାକୁ ଟିକେଟ ଦେଇନାହାନ୍ତି। ହେଲେ ବିଜେଡି ଟିକେଟ ପାଇଁ ବିଧାୟିକା ସୁନନ୍ଦା ଦାସ, ବିଜେଡି ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକ, ଯୁବନେତା ସଞ୍ଜୀବ ଜେନା, ଅଶୋକ ବେହେରା ଓ ସୁନନ୍ଦା ପତିଙ୍କ ସମର୍ଥକମାନେ ଦାବି କରୁଛନ୍ତି। ଏହି ସବୁ ଭିତରେ ରାଜ୍ୟ ମୁଖିଆ ବରୀରେ ନୂଆ ମୁହଁକୁ ପ୍ରାର୍ଥୀ ଦେବାକୁ ଚିନ୍ତା କରୁଥିବା ଚର୍ଚ୍ଚା ହେଉଛି। ଏହି ଚର୍ଚ୍ଚା ଭିତରେ ବରୀର ଯୁବ ନେତୃତ୍ୱ, ୨ ଥର ଜିଲା ପରିଷଦ ସଭ୍ୟ ଓ ବରୀ ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ଅଶୋକ କୁମାର ସାମଲ ଓରଫ୍ ବାବୁଆଙ୍କ ନାମ ଆସୁଛି। ସେ ବରୀ ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ଟକେଟ ଆଶାୟୀ ଥିବା କହିଛନ୍ତି। ସେ ଟିକେଟ ପାଇଁ ଆବେଦନ କରିଛନ୍ତି। ଦଳ ତାଙ୍କୁ ଟିକେଟ ଦେଲେ ସେ ବରୀରୁ ନିର୍ବାଚନ ଲଢ଼ିବେ ବୋଲି ପ୍ରକାଶ କରିଛନ୍ତି।

## ବଡ଼ବିରୁହାଁ ଗ୍ରାମରୁ ଚୋରି

**ପାଣିକୋଇଲି,୧୨।୪(ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ଅନ୍ତର୍ଗତ ବଡ଼ବିରୁହାଁ ଗ୍ରାମରେ ଦୋକାନ ଓ ଘରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ନୀଳମାଧବ ପଣ୍ଡା ଦୋକାନ ବନ୍ଦ କରି ରାତ୍ରିରେ ଘରକୁ ଯାଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କ ଦୋକାନ ସଟର ଭାଙ୍ଗି ଦୋକାନରେ ଥିବା ୪୦ ହଜାର ଟଙ୍କା ଲୁଟି ନେଇଛନ୍ତି। ସେହିପରି ଆଶୁତୋଷ ପଣ୍ଡାଙ୍କ ଘର ଝରକା ଭାଙ୍ଗି ଚୋରି ହୋଇଛି। ତାଙ୍କର ନଗଦ ଟଙ୍କା ସହ ସୁନା ଗହଣା ଚୋରି ହୋଇଥିବା ସେ ଅଭିଯୋଗ କରିଛନ୍ତି। ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି।

## ଧର୍ମଶାଳା ଭାଜପା ପ୍ରାର୍ଥୀଙ୍କ ଗୃହ ସମ୍ପର୍କ ଅଭିଯାନ



ପ୍ରଚାର କାର୍ଯ୍ୟକ୍ରମ ଗୃହ ସମ୍ପର୍କ ଅଭିଯାନରେ ସାମିଲ ଭାଜପା ପ୍ରାର୍ଥୀ ସ୍ମୃତିରେଖା ପହି ଓ ତାଙ୍କ ସମର୍ଥକ ।

**ରସୁଲପୁର,୧୨।୪(ରଞ୍ଜିତ ରାଉତ):** ଧର୍ମଶାଳା ଭାଜପା ବିଧାୟକ ପ୍ରାର୍ଥୀ ସ୍ମୃତିରେଖା ପହିଙ୍କ ପକ୍ଷରୁ ଗୃହ ସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ରସୁଲପୁର ବ୍ଲକ ଅଧୀନ ରସୁଲପୁର ପଞ୍ଚାୟତ ସାନତ୍ରିଲୋଚନପୁର ଗ୍ରାମର ଖଣ୍ଡିତରସ୍ଥିତ ମା'ମଙ୍ଗଳା ପୀଠରୁ ଏହି ଅଭିଯାନ ଆରମ୍ଭ କରାଯାଇଛି। ଏହା ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶଧାରା କାର୍ଯ୍ୟକ୍ରମଗୁଡ଼ିକର ପ୍ରଚାର କରାଯାଇ ଭୋଟରଙ୍କୁ ଆକୃଷ୍ଟ କରାଯାଉଛି। ଭୋଟର ଭୁଲ ରାସ୍ତାରେ ନ ଯାଇ ରାଜ୍ୟରେ ଭାଜପା ସରକାର କରିବାରେ ସହାୟକ ହେବା ପାଇଁ ପହି ଭୋଟରମାନଙ୍କୁ ଅନୁରୋଧ କରି ଭୋଟ ଭିକ୍ଷା କରିଛନ୍ତି। ଏହାଛଡ଼ା ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ହେଲେ ଜନସାଧାରଣ ଅଧିକ ଲାଭାବନ ହୋଇପାରିବେ ବୋଲି ପହି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

ଶତାଧିକ କାର୍ଯ୍ୟକର୍ତ୍ତାଙ୍କ ନେତୃତ୍ୱରେ ପହି ଖଣ୍ଡିତର, ଜଳେଶ୍ୱରପୁର, ସାନତ୍ରିଲୋଚନପୁର, କେଉଟଲଗୁଆଁ, ସୁଆଁସାହି ଆଦି ଗ୍ରାମର ଘରକୁ ଘର ବୁଲି ପ୍ରଚାର କରିବା ସହ ଭୋଟରମାନଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏଥିରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ସଂଯୋଜକ ଅରୁଣ ସାହୁ, ବରିଷ୍ଠ ସଂଗଠକ ଚିନ୍ତାମଣି ସାମଲ, ଚିତ୍ତରଞ୍ଜନ ଦାଶ, ସାନନ୍ଦ ସ୍ୱାଇଁ, ରେବତି ସ୍ୱାଇଁ, ଛବିଲତା ରଥ, ବିଜୟ ସାହୁ, ଦେବଶ୍ରୀ ନାୟକ, ତାରିଣୀ ମଲିକ, ସନ୍ତୋଷ ସାହୁ, ରଞ୍ଜନ ସାହୁ, ସୁକାନ୍ତ ପୁରୀ, ଶ୍ରୀଧର ରାଉତ, ରବୀନ୍ଦ୍ର ରଥ, ସଂଜୟ ଲେଙ୍କା, ଜଗମୋହନ ଚାନ୍ଦ, ମୃଦୁତରଙ୍ଗିନୀ ଦାସ, ଅର୍ଜୁନ ମଲିକ, ଅମର ମଲିକ, ବିପିନ ମଲିକ ଓ ନିର୍ମଳ ନାୟକ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗଦେଇ ବିଭିନ୍ନ ଗାଁ ପରିକ୍ରମା କରିଥିଲେ।

## ଯୁବା କ୍ଲବ୍‌ର ବାର୍ଷିକ ଉତ୍ସବ

**ସମ୍ବର୍ଦ୍ଧିତ ହେଲେ ବହୁ ପ୍ରତିଭା**

**ଯାଜପୁରରୋଡ୍,୧୨।୪(ପବିତ୍ର ରଞ୍ଜନ ମହାନ୍ତି):** ଯାଜପୁର ଜିଲାର ଅଗ୍ରଣୀ ଯୁବ ସଂଗଠନ ଯୁବା କ୍ଲବର ବାର୍ଷିକ ଉତ୍ସବ ଯାଜପୁରରୋଡ୍ ସ୍ଥିତ ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି। କ୍ଲବ୍ ସଭାପତି ତଥା ବ୍ୟାସନଗର ଉପନଗରପାଳ ସୁଭାଷ ଚନ୍ଦ୍ର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ଯାଜପୁରର ପୂର୍ବତନ ପୌରପାଳ ଭବପ୍ରସାଦ ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ସମସ୍ତ କାଳୀପୂଜା କମିଟି ସଭାପତି, ସମ୍ପାଦକ, ଶାନ୍ତି କମିଟି ସଦସ୍ୟ, ସାମାଜିକ କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ମିଶନ ଶକ୍ତି ସଦସ୍ୟା, ଖବରଦାତା, କାଉନସିଲର, ବରିଷ୍ଠ ନାଗରିକ ଓ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଅଣ ସଂଗଠିତ ଓ କର୍ମଚାରୀ କଂଗ୍ରେସ ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତି ମୁଖ୍ୟ ଅତିଥି, ବ୍ୟାସନଗର ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷା ସରୋଜିନୀ ବଳ, ବିଜେଡି ଜିଲା ମହିଳା ସଭାନେତ୍ରୀ ସବିତା ରାଉତ, ବିଧାୟକଙ୍କ ପ୍ରତିନିଧି ଅମୂଲ୍ୟ କୁମାର ନାୟକ, ସାମାଜିକ କର୍ମୀ ରବିନାରାୟଣ ପୁହାଣ ଓ ଯୁବ ଉଦ୍ୟୋଗୀ ରାକେଶ ରାଉତ ପ୍ରମୁଖ ଅତିଥି ଭାବେ ମଞ୍ଚରେ ଉପସ୍ଥିତ ଥିଲେ। ଶେଷରେ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଯୁବା କ୍ଲବ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଓ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

## ପ୍ରତିଭା ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

**ରସୁଲପୁର,୧୨।୪(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ ଓରାଳି ଗ୍ରାମସ୍ଥିତ ପ୍ରତିଭା ପବ୍ଲିକ ସ୍କୁଲର ୧୪ତମ ବାର୍ଷିକୋତ୍ସବ ୨ ଦିନ ଧରି ପାଳିତ ହୋଇଯାଇଛି। ଉତ୍ସବରେ ନର୍ସରିଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀ ଅଂଶଗ୍ରହଣ କରି ସାଂସ୍କୃତିକ ମଞ୍ଚରେ ନୃତ୍ୟ, ଗୀତ ଓ ଅଭିନୟ ଆଦି ପ୍ରଦର୍ଶନ କରିଥିଲେ। ପ୍ରଥମ ଦିବସରେ ବିଦ୍ୟାର୍ଥୀଙ୍କ ପକ୍ଷରୁ ସମରଷ୍ଟିଟ୍ ଫେୟାର ଅନୁଷ୍ଠିତ ହୋଇଥିଲା। ପିଲାଙ୍କ ଦ୍ୱାରା ଷ୍ଟଲ ଜରିଆରେ ହାତଗଢ଼ା ଖେଳଣା, ଚିତ୍ର, ପାଠ୍ୟଉପକରଣ ଓ ଖରାଦିନିଆ ସୁଆଦିଆ ଖାଦ୍ୟ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଦର୍ଶକମାନେ ଷ୍ଟଲ୍ ବୁଲି ଦେଖିବା ସହ ପିଲାମାନଙ୍କ କାରୁକାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅଭିଭାବକମାନେ ସୁଆଦିଆ ଖାଦ୍ୟର ମଜା ନେଇଥିଲେ। ସାମାଜିକ କର୍ମୀ ପ୍ରଶାନ୍ତ ଦାସ ମେଳାକୁ ଉଦ୍‌ଘାଟନ କରିଥିଲେ।

ଉତ୍ସବର ଦ୍ୱିତୀୟ ଦିବସରେ ଆୟୋଜିତ ସଭାରେ ବିଦ୍ୟାଳୟ ଅଧ୍ୟକ୍ଷ ତାପସ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକକର୍ମୀ ଗୋପୀନାଥ ପତି, କାଳନ୍ଦୀ କଣ୍ଟ, ଚଳଚ୍ଚିତ୍ର ଅଭିନେତା ଲିକୁନ୍ ଚୌଧୁରୀ ଓ ଓଡ଼ିଶୀ ନୃତ୍ୟଶିଳ୍ପୀ ସ୍ୱାଗତିକା ସାହାଣୀ ପ୍ରମୁଖ ଯୋଗଦେଇଥିଲେ। ସୁପ୍ରଭା ରାୟ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟି ଉପଦେଷ୍ଟା ଲକ୍ଷ୍ମୀକାନ୍ତ ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ଉତ୍ସବରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜୁନିୟର ବିଭାଗରେ ସୌମ୍ୟ ଦେବାଂଶ ଓ ସିନିୟର ବିଭାଗରେ ସୂର୍ଯ୍ୟକାନ୍ତ ସାହୁଙ୍କୁ ଚାମ୍ପିୟନ ଭାବେ ସମ୍ମାନିତ କରାଯାଇଥିଲା।

କୃତୀ ଶିକ୍ଷୟିତ୍ରୀ ସୁପ୍ରଭା ରାୟ, ଅଭିନେତା ଲିକୁନ ଚୌଧୁରୀ, ନୃତ୍ୟାଙ୍ଗନା ସ୍ୱାଗତିକା ସାହାଣୀ, ପ୍ରଶାନ୍ତ ନାଥଶର୍ମା, ନାଟ୍ୟ ନିର୍ଦ୍ଦେଶକ ନାରାୟଣ ସାହୁଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଥିଲା। ବିଦ୍ୟାର୍ଥୀମାନଙ୍କ ଦ୍ୱାରା ନାରାୟଣ ସାହୁଙ୍କ ନିର୍ଦ୍ଦେଶିତ ଶିଶୁ ସଂସ୍କାର ଧର୍ମୀ ନାଟକ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପକ୍ଷରୁ ଜ୍ଞାନରଞ୍ଜନ ମଲିକ, ନମିତା କର, ସଂଗୀତା ନାୟକ, ଅନ୍ନପୂର୍ଣ୍ଣା ଲେଙ୍କା, ସରିତା ସାହୁ, ପ୍ରଭାମଞ୍ଜରୀ ରାଉତ ଓ ବର୍ଷା ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ କମିଟି ଉପଦେଷ୍ଟା ଅକ୍ଷୟ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ଦରମା ଦାବିରେ ପୌର ସଫେଇ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

**ପଟ୍ଟାମୁଣ୍ଡାଇ,୧୨।୪(କଳ୍ପତରୁ ନାୟକ)**

ଦରମା ପ୍ରଦାନ ଦାବିରେ ପଟ୍ଟାମୁଣ୍ଡାଇ ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ସଫେଇ କର୍ମଚାରୀମାନେ କାମ ବନ୍ଦ କରି ଆନ୍ଦୋଳନ କରିଛନ୍ତି। ଦୀର୍ଘଦିନ ଧରି ସେମାନଙ୍କର ବର୍ଦ୍ଧିତ ଦରମା ପାଇ ନ ଥିବା ଓ ପ୍ରତି ମାସର ଦରମା ନିର୍ଦ୍ଧାରିତ ସମୟରେ ପାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ କରି ଶୁକ୍ରବାର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସଫେଇ କର୍ମଚାରୀ କାମ ବନ୍ଦ କରି ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପଟ୍ଟାମୁଣ୍ଡାଇ ପୌରପରିଷଦ ପରିମଳ ବ୍ୟବସ୍ଥାରେ ଚନ୍ଦନ ଏଜେନ୍ସି ନାମକ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଏହି ସଂସ୍ଥା ଅଧୀନରେ ୫୦ରୁ ଊର୍ଦ୍ଧ୍ୱ ସଫେଇ କର୍ମଚାରୀ ନିୟୋଜିତ ଅଛନ୍ତି। ଏମାନଙ୍କୁ ପଟ୍ଟାମୁଣ୍ଡାଇ ସହର ସମେତ ପୌରପରିଷଦର ୨୦ ୱାର୍ଡ ସଫେଇ କରନ୍ତି। ଏଜେନ୍ସି ପକ୍ଷରୁ ୭ ହଜାର ଟଙ୍କା ଦରମା ପ୍ରଦାନ କରାଯାଉଥିବା ବେଳେ ସଂସ୍ଥା ସେମାନଙ୍କୁ ଉଚିତ ସମୟରେ ଦରମା ଦେଉନାହିଁ। ଅପରପକ୍ଷରେ ବର୍ଦ୍ଧିତ ଦରମା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଫଳରେ ଶୁକ୍ରବାର ଅଲେଖ ଗୋଛାୟତ ଓ ରାମ ଦାସଙ୍କ ନେତୃତ୍ୱରେ ସମସ୍ତ ସଫେଇ କର୍ମଚାରୀ କାମ ବନ୍ଦ କରି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଚେତାବନୀ ଦେଇଛନ୍ତି।

## ଗୋକର୍ଣ୍ଣିକାର ବିଷୁବ ସଂଖ୍ୟା ଉନ୍ମୋଚିତ

**ଧର୍ମଶାଳା,୧୨।୪(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ଗୋକର୍ଣ୍ଣିକା କାର୍ଯ୍ୟାଳୟ ପରିସରରେ ଗୋକର୍ଣ୍ଣିକା ବିଷୁବ ସଂଖ୍ୟା ଉନ୍ମୋଚନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅତିଥିଭାବେ ପୂର୍ବତନ ସାଂସଦ ରୀତା ତରାଇ, ସାହିତ୍ୟିକ ଡ. ସୂର୍ଯ୍ୟମଣି ଖୁଣ୍ଟିଆ ଯୋଗଦେଇ ଓଡ଼ିଆ ଲୋକେ ଅତୀତର ଗୌରବକୁ ସ୍ମରଣ କରି ଜାତୀୟତାଭାବ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ସାହିତ୍ୟ ବିପ୍ଳବ ସୃଷ୍ଟି କରେ ବୋଲି ଉଦାହରଣ ଦେଇ ଗୋକର୍ଣ୍ଣିକା ୪୬ ବର୍ଷ ଧରି ଗ୍ରାମାଂଚଳରୁ ପ୍ରକାଶ କରି ଉଦାହରଣ ସାଜିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଲେଖକ ସମ୍ମେଳନର ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ସାହିତ୍ୟ ମଣିଷ ଭିତରେ ସମଭାବ ଧର୍ମ ପ୍ରତିଷ୍ଠା କରେ ଓ ପୃଥିବୀ କେବଳ ସାହିତ୍ୟ ମାଧ୍ୟରେ ଯୋଡ଼ି ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ପୂର୍ବତନ ସମ୍ପାଦକ ହୃଷୀକେଶ ସାମଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ମହେଶ୍ୱର ପାଢ଼ୀ ସୂଚନା ଦେଇଥିଲେ।

ପରେ ଗୋକର୍ଣ୍ଣିକା ବିଷୁବ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଉପସଭାପତି ଡ. ତୁହିନାଂଶୁ ରଥ, ଧର୍ମଶାଳା ମହିଳା ଡିଗ୍ରୀ କଲେଜ ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲ, ଉପେନ୍ଦ୍ର ନାଥ ଶାରଦା ମହାବିଦ୍ୟାଳୟ ଅଧ୍ୟାପକ ଡ. ବିଧୁଭୂଷଣ ପଣ୍ଡା, ଆଇନଜୀବୀ ସନ୍ତୋଷ କୁମାର ତରାଇ, ପୂର୍ବତନ ଉପସଭାପତି ସୁନାକର ସାହୁ, ପଣ୍ଡିତ ବ୍ରଜକିଶୋର ଦାଶ ଓଡ଼ିଆ ନବବର୍ଷ ଓ ବିଷୁବ ସଂକ୍ରାନ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଆ ନବବର୍ଷକୁ ନେଇ ସ୍ୱରଚିତ କବିତା ଅଧ୍ୟାପକ ଶ୍ରୀପଦ ନାୟକ, ଦୁର୍ଗାଦତ୍ତ ଦାଶ, ବ୍ରଜବନ୍ଧୁ ଶତପଥୀ, ଲୋପାମୁଦ୍ର ଜେନା ଓ ରଞ୍ଜିତା ବାରିକ ପାଠ କରିଥିଲେ। କାର୍ଯ୍ୟକାରୀ କମିଟି ସଦସ୍ୟ ଅଜୟ କୁମାର ବାରିକ ଧନ୍ୟବାଦ ଦେଇଥିଲେ।



ଅତିଥି ଗୋକର୍ଣ୍ଣିକାର ବିଷୁବ ସଂଖ୍ୟା ଉନ୍ମୋଚନ କରୁଛନ୍ତି ।

## ପଞ୍ଚମୁଖୀ ହନୁମାନ ବିଗ୍ରହ, ମନ୍ଦିର ପ୍ରତିଷ୍ଠା

ରାଜନଗର, ୧୨।୪(ଭାସ୍କର ରାଉତରାୟ)

ସଂସାରଫଳସ୍ଥିତ ଶ୍ରୀପଞ୍ଚମୁଖୀ ସଙ୍କଟ ମୋଚନ ହନୁମାନଜୀଉଙ୍କ ମନ୍ଦିର ଓ ବିଗ୍ରହ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁଜୀ ସୁନୀଲ କୁମାର ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା କରାଯାଇଛି। ପଣ୍ଡିତ ଚନ୍ଦ୍ର ଶେଖର ଶତପଥୀ, ପଣ୍ଡିତ ଶିଶିର କୁମାର ଦାଶ ପ୍ରମୁଖଙ୍କ ଦ୍ୱାରା ଦୈନିକ ପୂଜା ରୀତିନୀତି କରାଯାଇଥିଲା। ଏହି ଅବସରରେ ମନ୍ଦିରର ନ୍ୟାସ, ଠାକୁର ବିଜେସ୍ଥଳୀ ପୂଜନ, ମନ୍ଦିର ଶିଖରରେ ଚକ୍ର ଓ ପତାକା ସ୍ଥାପନ, କଳସ ଶୋଭାଯାତ୍ରା, ନାମ ସଂକୀର୍ତ୍ତନ, ପ୍ରବଚନ ସଭା, ହନୁମାନ ଚାଳିଶା ପାଠ ପ୍ରଭୃତି ସମ୍ପାଦନ କରାଯାଇଛି। ପଞ୍ଚମୁଖୀ ହନୁମାନ ପୂଜା କମିଟିର ସମସ୍ତ ସଦସ୍ୟ ଏହାକୁ ପରିଚାଳନା କରିଥିଲେ।

## ଦରମା ଦାବିରେ ପୌର ସଫେଇ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ପଟ୍ଟାମୁଣ୍ଡାଇ,୧୨।୪(କଳ୍ପତରୁ ନାୟକ)

ଦରମା ପ୍ରଦାନ ଦାବିରେ ପଟ୍ଟାମୁଣ୍ଡାଇ ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ସଫେଇ କର୍ମଚାରୀମାନେ କାମ ବନ୍ଦ କରି ଶୁକ୍ରବାର ଆନ୍ଦୋଳନ କରିଛନ୍ତି। ଦୀର୍ଘଦିନ ଧରି ସେମାନଙ୍କର ବର୍ଦ୍ଧିତ ଦରମା ପାଇ ନ ଥିବା ଓ ପ୍ରତି ମାସର ଦରମା ନିର୍ଦ୍ଧାରିତ ସମୟରେ ପାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ କରି ଶୁକ୍ରବାର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସଫେଇ କର୍ମଚାରୀ କାମ ବନ୍ଦ କରି ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

ପଟ୍ଟାମୁଣ୍ଡାଇ ପୌରପରିଷଦ ପରିମଳ ବ୍ୟବସ୍ଥାରେ ଚନ୍ଦନ ଏଜେନ୍ସି ନାମକ ଏକ ଘରେଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଏହି ସଂସ୍ଥା ଅଧୀନରେ ୫୦ରୁ ଊର୍ଦ୍ଧ୍ୱ ସଫେଇ କର୍ମଚାରୀ ନିୟୋଜିତ ଅଛନ୍ତି। ଏମାନଙ୍କୁ ପଟ୍ଟାମୁଣ୍ଡାଇ ସହର ସମେତ ପୌରପରିଷଦର ୨୦ଟି ୱାର୍ଡ ସଫେଇ କରନ୍ତି। ଏଜେନ୍ସି ପକ୍ଷରୁ ୭ ହଜାର ଟଙ୍କା ଲେଖାଏଁ ଦରମା ପ୍ରଦାନ କରାଯାଉଥିବା ବେଳେ ସଂସ୍ଥା ସେମାନଙ୍କୁ ଉଚିତ ସମୟରେ ଦରମା ଦେଉନାହିଁ। ଅପରପକ୍ଷରେ ବର୍ଦ୍ଧିତ ଦରମା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଫଳରେ ଶୁକ୍ରବାର ଅଲେଖ ଗୋଛାୟତ ଓ ରାମ ଦାସଙ୍କ ନେତୃତ୍ୱରେ ସମସ୍ତ ସଫେଇ କର୍ମଚାରୀ କାମ ବନ୍ଦ କରି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଚେତାବନୀ ଦେଇଛନ୍ତି। ଫଳରେ ସମଗ୍ର ପଟ୍ଟାମୁଣ୍ଡାଇ ସହର ଓ ୱାର୍ଡ ସବୁରେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ିରହିଛି।


ସଫେଇ କର୍ମଚାରୀମାନେ ପଟ୍ଟାମୁଣ୍ଡାଇ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

## କେନ୍ଦ୍ରାପଡ଼ା କଂଗ୍ରେସ କର୍ମୀଙ୍କ ବୈଠକ


କେନ୍ଦ୍ରାପଡ଼ାରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ବୈଠକରେ ନେତା ଓ କର୍ମୀମାନେ।

କେନ୍ଦ୍ରାପଡ଼ା, ୧୨।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବିଧାନସଭା ଯୁବ କଂଗ୍ରେସର ପୂର୍ବତନ ସଭାପତି ରଶ୍ମିରଞ୍ଜନ ଚୌଧୁରୀଙ୍କ ଆହ୍ୱାନକ୍ରମେ କଜଳାସ୍ଥିତ କଂଗ୍ରେସ ଭବନରେ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ କଂଗ୍ରେସ ନେତାଙ୍କର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପଛୁଆବର୍ଗ କଂଗ୍ରେସର ଉପାଧ୍ୟକ୍ଷ ଫକୀର ଚରଣ ଖଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ମତ୍ସ୍ୟଜୀବୀ କଂଗ୍ରେସ ସଭାପତି ହଳଧର ସେଠୀ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପ୍ରଦୀପ କୁମାର ମହାନ୍ତି, ଭାଗୀରଥି ଜେନା, ମହେନ୍ଦ୍ର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ନେତୃମଣ୍ଡଳୀ କଂଗ୍ରେସ ସଙ୍ଗଠନକୁ ମଜଭୁତ କରିବା ସହ ଆଗାମୀ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ। ଏହି ଅବସରରେ ନିକଟରେ ଦଳ ଛାଡ଼ିଥିବା ନେତାମାନେ ଦୀର୍ଘଦିନରୁ କଂଗ୍ରେସରେ ରହି କଂଗ୍ରେସର କ୍ଷତି କରିଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଏଥିସହ ତୁରନ୍ତ ଜିଲାର କର୍ମକର୍ତ୍ତା ଚୟନ ପାଇଁ ଜିଲା ଓ ରାଜ୍ୟ ସଭାପତିଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ପ୍ରସ୍ତାବ ଆଗତ କରାଯାଇଥିଲା। ଏହି ବୈଠକରେ ଶତାଧିକ ନେତା ଓ କର୍ମୀ ଯୋଗଦେଇଥିଲେ। ଅଧିକ ସୁସଙ୍ଗଠିତ ହୋଇ କଂଗ୍ରେସ ନିର୍ବାଚନୀ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ସୂଚନା ମିଳିଛି।

## କେମ୍ ପକ୍ଷରୁ ୧୦୦ ମିନିଟ୍‌ର ଗଳ୍ପ ଆସର

କେନ୍ଦ୍ରାପଡ଼ା, ୧୨।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ପକ୍ଷରୁ ସହରର ମାଧପୁରସ୍ଥ କାର୍ଯ୍ୟାଳୟ ପରିସରରେ ୧୦୦ ମିନିଟ୍‌ର ଗଳ୍ପ ଆସର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମୟ କପୋତର କ୍ଷୀପ୍ର ଉଡ଼ାଣରେ ଗପ ପାଲଟୁଥିବା କିଛି ଚଳମାନ ଛାଇର ଘୁରୁର ଘୁ ଶୀର୍ଷକ ଏହି ଆସରକୁ ବରିଷ୍ଠ କଥାକାର ଡ. ବିରଜା ରାଉତରାୟ ସଞ୍ଚାଳନ କରିଥିଲେ।

ଗାଳ୍ପିକ ଜ୍ଞାନରଞ୍ଜନ ନାୟକଙ୍କ ସ୍ୱଲିଖିତ କ୍ଷୁଦ୍ରଗଳ୍ପ 'ରାକ୍ଷୀ', ପ୍ରଦୀପ ନାୟକଙ୍କ ଗଳ୍ପ 'ମାଂସର ଜୀବନ', ମାତୃଦତ୍ତ ମହାନ୍ତିଙ୍କ 'ପକ୍ଷ', ଡ. ବିରଜା ରାଉତରାୟଙ୍କ 'ମେଲାଘର', ଆନନ୍ଦ କୁମାର ମାଇତିଙ୍କ 'ହାରାମି', ଅବନ୍ତୀ ବେହେରାଙ୍କ 'ବାଉତି', ପ୍ରେମାନନ୍ଦ ଖଣ୍ଡୁଆଳଙ୍କ 'ବାପା ତୁମେ ମଣିଷ ହେବନି', ବଂଶୀଧର ମହାନ୍ତିଙ୍କ 'ଅଶୁଭ ଫଗୁଣ', ସ୍ୱପ୍ନାଂଶୁ କୁମାର ଦାସଙ୍କ 'ତଥାପି ସମ୍ଭବ', ଲିଜା ପଣ୍ଡାଙ୍କ 'ଭାବନା' ଓ କଥାକାର ତାପସ ରାଉତଙ୍କ ଗଳ୍ପ ପାଠ ହୋଇଥିଲା। ସମୀକ୍ଷକ ଭାବେ ଯୋଗ ଦେଇଥିବା ଗାଳ୍ପିକା ଅନ୍ନପୂର୍ଣ୍ଣା ମହାନ୍ତି, ଶିକ୍ଷାବିତ୍ ତପନ କୁମାର ପତି, ଡ. ଆଶୁତୋଷ ରାଉତ ପ୍ରକାଶ କରିଥିଲେ ଯେ, ପଠିତ ଗଳ୍ପ ସମକାଳୀନ ଜୀବନବୋଧକୁ ଚିତ୍ରିତ କରୁଥିବାରୁ କାଳଜୟୀ ହୋଇପାରିବ। ଏହି ଅବସରରେ ରଣଧୀର ଜେନା ଓ ରଞ୍ଜନ ବାଇ ପାଠକୀୟ ପ୍ରତିକ୍ରିୟା ରଖିଥିଲେ। କେମ୍ ପକ୍ଷରୁ ଶେଷଦେବ ଦାସ, ଶିବଚରଣ ସାମଲ, ସରୋଜ କୁମାର ସାହୁ ପ୍ରମୁଖ ଏହି ଗଳ୍ପ ଆସରକୁ ପରିଚାଳନା କରିଥିଲେ।


ଗପ ଆସରରେ ଯୋଗ ଦେଇଥିବା ଗାଳ୍ପିକ ଓ ଅନ୍ୟମାନେ।

## ମାନବ ସେବା ହିଁ ମାଧବ ସେବା


ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

କେନ୍ଦ୍ରାପଡ଼ା, ୧୨।୪(ଜଗନ୍ନାଥ ଧଳ)

ସର୍ବେ ଭବନ୍ତୁ ସୁଖୀନଃ ମନ୍ତ୍ରରେ ଉଦ୍‌ବୁଦ୍ଧ ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ କେନ୍ଦ୍ରାପଡ଼ା ବ୍ଲକସ୍ଥ କନ୍ତିଆ ମଠ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଅନୁଷ୍ଠାନର ମାନବ ସେବା ହିଁ ମାଧବ ସେବାର ଝଲକ ଦେଖିବାକୁ ମିଳିଛି । ଅଙ୍ଗଦାନ ସଚେତନତା ଶିବିର, କପଡ଼ା ଗୃହ, ୧ ଟଙ୍କାରେ ଚିକିତ୍ସା ବ୍ୟବସ୍ଥା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିସହିତ ଦେଶରେ ବେଶ୍ ପ୍ରଭାବ ପକାଇଥିବା ଏକଟଙ୍କିଆ ଡା. ଶଙ୍କର ରାମ ଚନ୍ଦାନୀଙ୍କ ଉପରେ କ୍ଷୁଦ୍ର ନାଟକ, କୃଷକଙ୍କ ଜୀବନଶୈଳୀ ସମ୍ପର୍କରେ କ୍ଷୁଦ୍ର ନାଟକ ଓ ପାୟଲ ଗ୍ରୁପ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିସହ ଜୟ କିଷାନ୍ ଶୀର୍ଷକ ଏକ ଆଲୋଚନାଚକ୍ରରେ ଡା. ରାମ ଚନ୍ଦାନୀ, ଦ୍ୱିତୀୟ ସାଲବେଗ କୋରାପୁଟର ସେକ୍ ମକ୍‌ବୁଲ ଇସ୍‌ଲାମ, ଟ୍ରଷ୍ଟ ଆବାହକ ଦମନ କୁମାର ମହାନ୍ତି ଆଲୋଚକ ଭାବେ ଯୋଗଦେଇଥିଲେ। ସେମାନେ କହିଥିଲେ ଯେ, ପ୍ରକୃତି ଆମକୁ ସର୍ବଦା ସୁରକ୍ଷା ଦେଇଆସିଛି। ଆମେ ଏହି ପୃଥିବୀର ପ୍ରାକୃତିକ ସମ୍ପଦ ଓ ପରିବେଶକୁ ନଷ୍ଟ କରୁଛେ, ଯାହାର ପରିଣାମସ୍ୱରୂପ ଆମ ଜୀବନଶୈଳୀରେ କୁପ୍ରଭାବ ପକାଉଛି। ସାମୂହିକ ଉନ୍ନତି ଚିନ୍ତାରେ କାର୍ଯ୍ୟ ସର୍ବଦା ସୁଖ ଶାନ୍ତିର ପଥ ଦେଖାଇଥାଏ। ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସମୟରେ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତ ଜୀବନଶୈଳୀର ଜୀବନଯାପନକୁ ଗୁରୁତ୍ୱ ଦେଇଆସୁଛି। ମାନବ ସେବା ଦ୍ୱାରା ଅଫୁରନ୍ତ ଶାନ୍ତି ମିଳୁଥିବା ସେମାନେ ପ୍ରକାଶ କରିଥିଲେ। ଏହି ଅବସରରେ କେତେଜଣ ଅନ୍ନଦାତାଙ୍କୁ ଏହି ମଞ୍ଚରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବକୁ ଟ୍ରଷ୍ଟର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ସମସ୍ତେ ଶପଥ ନେଲେ

### ବିଜେଡିର ଗରଦପୁର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ

ପାଟକୁରା,୧୨।୪(ରବୀନ୍ଦ୍ର ନାଥ ବାରିକ)

ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତଳକୁସୁମା ପଞ୍ଚାୟତର ତେନ୍ତୁଳଠାରେ ଶୁକ୍ରବାର ଗରଦପୁର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ବିଜେଡିର ଜିଲା ସଭାପତି ରାଜେଶ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଜେଡିର ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ, ଆମ୍ବା ଅଧ୍ୟକ୍ଷ ବାସୁଦେବ ବେହେରା, ଜିଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ, ୯ନଂ. ଜିଲା ପରିଷଦ ସଭ୍ୟା ଏଲିଜା ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ରାଜା ଆଚାର୍ଯ୍ୟ, ଶୈଳେନ୍ଦ୍ର ମହାନ୍ତି, ଅନୁଜ ମହାନ୍ତି, ଅଶୋକ ଜେନା, ଏସ୍.କେ. ମେହେରବାନ୍, ସନ୍ତୋଷ କୁମାର ମାହାଳି, ପ୍ରକାଶ ଚନ୍ଦ୍ର ସାହୁ, ହେମନ୍ତ ସେଠୀ, ଭଜହରି ସେନାପତି, ବିଜନ ରାୟ, ଅମୂଲ୍ୟ ସିଂହ, ସରୋଜ କର, ବିଶ୍ୱରଞ୍ଜନ ସ୍ୱାଇଁ, ରଞ୍ଜିତ କୁମାର ପଣ୍ଡା, ଗଙ୍ଗାଧର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଗାମୀ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ। ବିପୁଳ ବ୍ୟବଧାନରେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ସମସ୍ତେ ଶପଥ ନେଇଥିଲେ।

## ପୂର୍ବତନ ପୌରାଧ୍ୟକ୍ଷ ପ୍ରବୀର ମହାନ୍ତିଙ୍କ ପରଲୋକ

କେନ୍ଦ୍ରାପଡ଼ା, ୧୨।୪(ଜଗନ୍ନାଥ ଧଳ)



ବରିଷ୍ଠ ବିଜେଡି ନେତା, କେନ୍ଦ୍ରାପଡ଼ା ଓକିଲ ସଂଘ ସଦସ୍ୟ ତଥା ପୂର୍ବତନ କେନ୍ଦ୍ରାପଡ଼ା ପୌରପାଳିକା ଅଧ୍ୟକ୍ଷ ପ୍ରବୀର ମହାନ୍ତିଙ୍କ ଗୁରୁବାର ରାତିରେ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ୧୯୯୭ରୁ ୨୦୦୨ ମସିହା ପର୍ଯ୍ୟନ୍ତ ସେ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ତିନିମୁହାଣି ମାର୍କେଟ କମ୍ପ୍ଲେକ୍ସ ଏବଂ ପୁରୁଣା ମେଡିକାଲ ଛକ ମାର୍କେଟ କମ୍ପ୍ଲେକ୍ସ ତାଙ୍କର ପ୍ରମୁଖ ଅବଦାନ। ତାଙ୍କ ମରଶରୀରରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ ଓ ସିପ୍ରା ମଲ୍ଲିକ, ସାମାଜିକ କର୍ମୀ ମୁରଲୀ ସେଠୀ, ଶିକ୍ଷାବିତ୍ ଅଜୟ ରାଉତ, ପୂର୍ବତନ ପୌରାଧ୍ୟକ୍ଷ ଧୀରେନ ସାହୁ ପ୍ରମୁଖ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ସେହିପରି ରାଜ୍ୟ ବିଜେଡି ସମ୍ପାଦକ ରଞ୍ଜିତ୍ ସାହୁ, ପୂର୍ବତନ କାଉନ୍‌ସିଲର ହିରଣ୍ୟ ପଣ୍ଡା, ବିଜେଡି ନଗର ସଭାପତି ଯଯାତି କେଶରୀ ମହାନ୍ତି, ଯୁବନେତା ରାଜେଶ ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଆସି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ମୃତଦେହକୁ ସହର ପରିକ୍ରମା କରାଯାଇ କେନ୍ଦ୍ରାପଡ଼ା ପୌରପାଳ କାର୍ଯ୍ୟାଳୟକୁ ନିଆଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପରେ ଓକିଲ ସଂଘ ବାର ଆସୋସିଏଶନକୁ ନିଆଯିବା ପରେ କଜଳା ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ଅଭିଷେକ ମହାନ୍ତି ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମହାନ୍ତିଙ୍କ ମୃତ୍ୟୁ ଖବର ପାଇ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଶଶିଭୂଷଣ ବେହେରା ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି।

## ଆକାଶ ମାର୍ଗରୁ ବୈଜୟନ୍ତଙ୍କ ନିଆରା ଢଙ୍ଗରେ ପ୍ରଚାର

ରାଜନଗର, ୧୨।୪(ଭାସ୍କର ରାଉତରାୟ)

୨୦୨୪ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀଙ୍କ ପକ୍ଷରୁ ଭିନ୍ନ ଭିନ୍ନ ଢଙ୍ଗରେ ପ୍ରଚାର ଆରମ୍ଭ କରି ଭୋଟରଙ୍କ ଦୃଷ୍ଟି ଆକର୍ଷଣ କରି ରୋଚକ ପରିସ୍ଥିତି ସୃଷ୍ଟି କରୁଛନ୍ତି। ରାଜନଗର ନିର୍ବାଚନମଣ୍ଡଳୀରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଭାଜପାର କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ନିଆରା ଢଙ୍ଗରେ ପ୍ରଚାର ଆରମ୍ଭ କରି ସଭିଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇଛନ୍ତି। ସେ ତାଙ୍କ ହେଲିକପ୍ଟର ମାଧ୍ୟମରେ ଆକାଶ ମାର୍ଗରୁ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଫଟୋ ଥିବା ଏବଂ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ସହ ସାରା ଭାରତରେ ୪୦୦ ପାର ଲେଖାଥିବା ପ୍ରଚାରପତ୍ର ଉଡାଇଛନ୍ତି। ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକର ବିଭିନ୍ନସ୍ଥାନରେ ଆକାଶ ମାର୍ଗରୁ ଭାଜପା ସପକ୍ଷରେ ଭୋଟ ଭିକ୍ଷା କରିଛନ୍ତି। ବୈଜୟନ୍ତ ଏପରି ପ୍ରଚାର ଶୈଳୀ ସାଧାରଣ ଜନତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ବୈଜୟନ୍ତ ଏଥର ଭାଜପା ପକ୍ଷରୁ ୨ୟ ଥର ପାଇଁ କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୦୦୯ ଏବଂ ୨୦୧୪ରେ ବିଜେଡିର ପ୍ରାର୍ଥୀ ହୋଇ ୨ଥର କେନ୍ଦ୍ରାପଡାରୁ ସାଂସଦ ହୋଇଥିଲେ। ଚଳିତବର୍ଷ ସାଧାରଣ ନିର୍ବାଚନରେ ଭାଜପା ପ୍ରଥମ ଦଫାରେ ବୈଜୟନ୍ତଙ୍କୁ କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ର ପାଇଁ ପ୍ରାର୍ଥୀ କରାଇ ବଡ ଆହ୍ୱାନ ସୃଷ୍ଟି କରିଛନ୍ତି। ଅନ୍ୟ ଦଳ ବିଶେଷ କରି ବିଜେଡି ପାଇଁ ୨୦୨୪ ସାଧାରଣ ନିର୍ବାଚନ ତାରିଖ ଘୋଷଣା ହେବାର କିଛିକ୍ଷଣ ପରେ ଓଡ଼ିଶାର ଅଦ୍ୱିତୀୟ ଜନନେତା ସ୍ୱର୍ଗତ ନଳିନୀ ମହାନ୍ତିଙ୍କ ପୁଅ ଅଂଶୁମାନ ମହାନ୍ତି କଂଗ୍ରେସ ଦଳ ଛାଡି ବିଜେଡିରେ ମିଶିଥିଲେ। ଏହି ମିଶ୍ରଣ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡ଼ା ଲୋକସଭା ପାଇଁ ବିଜେଡିର ପ୍ରାର୍ଥୀ ଭାବେ ଅଂଶୁମାନଙ୍କୁ ଟିକେଟ ଦେବା ପରେ ଏଠିକାର ରାଜନୈତିକ ପାଣିପାଗ ବେଶ୍ ଉଷ୍ମ ହେବାରେ ଲାଗିଛି। ୭୦ଦଶକଠାରୁ କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ର ଅଣକଂଗ୍ରେସ ଦୁର୍ଗ ବିଶେଷକରି ପ୍ରବାଦ ପୁରୁଷ ବିଜୁବାବୁଙ୍କ କର୍ମଭୂମି ଭାବେ କେନ୍ଦ୍ରାପଡା ଜନମାନସରେ ବେଶ୍ ପରିଚିତ ହୋଇ ରହିଛି। ଏଥର ଲଢେଇ ହେଭି ୱେଟ ବୈଜୟନ୍ତଙ୍କ ସହ ନବାଗତ ଅଂଶୁମାନଙ୍କ ମଧ୍ୟରେ ହେଉଛି।

## ମା' ରାମଚଣ୍ଡୀ ପୀଠ ଦର୍ଶନ କଲେ ବୈଜୟନ୍ତ


ମା' ରାମଚଣ୍ଡୀ ମନ୍ଦିର ପରିସରରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଗହଣରେ ବୈଜୟନ୍ତ ପଣ୍ଡା।

ମହାକାଳପଡ଼ା, ୧୨।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଲୋକ ସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଭାବେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଟିକେଟ ପାଇଛନ୍ତି। ତାଙ୍କୁ ଟକ୍କର ଦେବା ପାଇଁ ବିଜେଡି ପକ୍ଷରୁ ଅଂଶୁମାନ ମହାନ୍ତି ଲୋକ ସଭା ପ୍ରାର୍ଥୀ କରାଯାଇଛି। ଏହି ଅବସରରେ ପଣ୍ଡା ଶୁକ୍ରବାର ଅପରାହ୍ନରେ ହେଲିକପ୍ଟର ଯୋଗେ ଆସି ମା' ରାମଚଣ୍ଡୀଙ୍କ ପୀଠ ନିକଟରେ ଲ୍ୟାଣ୍ଡିଂ କରିଥିଲେ। ପରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ପଣ୍ଡା ମା' ରାମଚଣ୍ଡୀ ମନ୍ଦିରରେ ପହଞ୍ଚି ମା'ଙ୍କ ଆଶିଷ ଭିକ୍ଷା କରିଥିଲେ। ପରେ କାର୍ଯ୍ୟକର୍ତ୍ତାମାନଙ୍କ ସହ ଦଳୀୟ ବୈଠକରେ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନର ରଣନୀତି କିପରି ହେବ ସେ ସମ୍ପର୍କରେ ପଣ୍ଡା ଆଲୋଚନା କରିଥିଲେ। ତୃତୀୟଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତମୁଠାକୁ ଟାଣ କରିବାକୁ ପ୍ରତି ଗାଁରେ ବିକାଶର ବାର୍ତ୍ତା ପହଞ୍ଚାଇବା, ବୁଥ୍‌ସ୍ତରର କାର୍ଯ୍ୟକର୍ତ୍ତା ମିଳିତ ହୋଇ ଭୋଟହାର ବୃଦ୍ଧି କରାଇବାକୁ ବୈଠକରେ ପଣ୍ଡା କହିଥିଲେ। କାର୍ଯ୍ୟକର୍ତ୍ତାମାନଙ୍କ ସହ ଦଳୀୟ ସଙ୍ଗଠନ ସମ୍ପର୍କରେ କହିଥିଲେ। ଏହି ବୈଠକରେ ଭାଜପା ବିଧାୟକ ପ୍ରାର୍ଥୀ ଦୁର୍ଗାପ୍ରସନ୍ନ ନାୟକ, ଯୁବନେତା ସୌଭାଗ୍ୟ କୁମାର ପରିଡ଼ା, ସଞ୍ଜୟ କୁମାର ରଥ, ଜାନକୀ ପ୍ରଧାନଙ୍କ ସମେତ ବହୁସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଅନ୍ୟ ଦଳ ଛାଡ଼ି ବିଜେଡିରେ ମିଶିଲେ ୭୨ ପରିବାର

ରାଜକନିକା,୧୨।୪(ସଞ୍ଜୟ କୁମାର ଦାଶ)


ମିଶ୍ରଣ ପର୍ବରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଅନ୍ୟମାନେ।

ରାଜକନିକା ବ୍ଲକ ପୂର୍ବ କନିକା ଜୟନଗର ପଞ୍ଚାୟତର ବଜରପୁର ମା' ବାସୁଳୀଙ୍କ ପୀଠରେ ବିଜେଡିର ମିଶ୍ରଣ ପର୍ବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତରୁ କେତେଜଣ ଅନ୍ୟ ଦଳ ଛାଡ଼ି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଥିବା ଦେଖିବାକୁ ମିଳିଛି। ଜୟନଗର ପଞ୍ଚାୟତ ପୂର୍ବତନ ସରପଞ୍ଚ ରବିନାରାୟଣ ବେହେରାଙ୍କ ସଂଯୋଜନା ଓ ରାଜକନିକା ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ଆଳି ବିଧାୟକ ପ୍ରାର୍ଥୀ ତଥା ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ନୂତନ ଭାବେ ବିଜେଡିରେ ଯୋଗଦେବାକୁ ଆସିଥିବା କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ରାଜକନିକା ବ୍ଲକ ବିଜେଡି ସଙ୍ଗଠକ ପବିତ୍ର ରାଉତ, ସାଂସଦ ପ୍ରାର୍ଥୀଙ୍କ ପ୍ରତିନିଧି ମଳୟ ରଞ୍ଜନ ଓଝା ଏବଂ ୨୯ନଂ. ଜିଲା ପରିଷଦ ସଭ୍ୟା ଅମିତା ସାହୁ ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟରେ ବିଜେଡି ସରକାରଙ୍କ ଜନହିତକର ଯୋଜନାଗୁଡିକ ମଧ୍ୟରୁ ଶିକ୍ଷାକ୍ଷେତ୍ରରେ ସ୍କୁଲଗୁଡ଼ିକର ଭିତ୍ତିଭୂମିର ନବୀକରଣ କରାଯାଇ ୫-ଟି ଅଧୀନରେ କମ୍ପ୍ୟୁଟର ମାଧ୍ୟମରେ ପାଠପଢ଼ା ଯୋଗାଇବା। କଲେଜ ପଢୁଥିବା ପିଲାମାନଙ୍କ ପାଇଁ ନୂଆ-ଓ ମାଧ୍ୟମରେ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇଦେବା, ସ୍ୱାସ୍ଥ୍ୟକ୍ଷେତ୍ରରେ ପ୍ରତ୍ୟେକ ସ୍ତରର ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଭିତ୍ତିଭୂମିରେ ନବୀକରଣ କରାଯାଇ ୫-ଟି ଅଧୀନକୁ ନେଇ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା, ଗମନାଗମନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନରେ ରାଜକନିକାର ୨୯ଟି ପଞ୍ଚାୟତର ସମସ୍ତ ଗାଁକୁ ପକ୍କା ସଡ଼କ ନିର୍ମାଣ, ସବୁଠାରୁ ବଡ଼କଥା ମା'ମାନଙ୍କ ସୁବିଧା ପାଇଁ ଘରେ ବସି ଟ୍ୟାପ୍ ସାହାଯ୍ୟରେ ପିଇବା ପାଣି ଯୋଗାଇଦେବା ଆଦି ପରିବର୍ତ୍ତନର ଫର୍ଦ୍ଦକୁ ସାର୍ବଜନୀନ କରିବା ସହ ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ଲାଗି ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ମିଶ୍ରଣ ପର୍ବରେ ଦେବେନ୍ଦ୍ର କୁମାର ପ୍ରଧାନ, ପ୍ରଦୀପ୍ତ ବିଶ୍ୱାଳ, ବସନ୍ତ ପଢ଼ିହାରୀ, ସର୍ବେଶ୍ୱର ପ୍ରଧାନ, ରାଧାଗୋବିନ୍ଦ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗୁଣାତ୍ମକ ଶିକ୍ଷା ବିକାଶ ପାଇଁ ଉଦ୍ୟମ ଦରକାର

ପଟ୍ଟାମୁଣ୍ଡାଇ,୧୨।୪(କଳ୍ପତରୁ ନାୟକ)


ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି ବୃନ୍ଦ।

### ଲୋକନାଥପୁର ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଲୋକନାଥପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଭ୍ରାଂଶୁ କୁମାର ଦାସଙ୍କ ପୌରୋହିତ୍ୟରେ ମା' ଛୁଆଳିଆ କଲ୍ୟାଣ ମଣ୍ଡପରେ ବାର୍ଷିକ ଉତ୍ସବରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାସ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ଏ ଅଞ୍ଚଳ ପାଇଁ ଗର୍ବ ଗୌରବ ବିଷୟ ବୋଲି ପ୍ରକାଶ କରିଥିଲେ। ପଟ୍ଟାମୁଣ୍ଡାଇ ବିଇଓ ହରିହର ଦଳାଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ବିକାଶ ଦିଗରେ ସବୁ ସ୍ତରରେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ସୂଚନା ଅଧିକାର କର୍ମୀ କରୁଣାକର ଦାସ, ବିଆର୍‌ସିସି ଚନ୍ଦ୍ର ଶେଖର ତ୍ରିପାଠୀ, ରାଜ୍ୟସ୍ତରୀୟ ଶିକ୍ଷକ ନେତା ମଳୟ କୁମାର ଜେନା, ନୋଡାଲ ସିଆରସିସି ସଞ୍ଜୟ କୁମାର ସାହୁ,ଏସ୍‌ପି ନୋଡାଲ କ୍ଲଷ୍ଟର ସିଆରସିସି ରଞ୍ଜନ କୁମାର ବେହେରା, ପୂର୍ବତନ ସିଆରସିସି ନନ୍ଦ କିଶୋର ରାଉତ, ରମେଶ ଚନ୍ଦ୍ର ମହାନ୍ତି, ଅଶୋକ କୁମାର ପରିଡା, ଗୋଲକ କୁମାର ମଲ୍ଲିକ, ଶିକ୍ଷାବିତ ଅକ୍ଷୟ କୁମାର ନନ୍ଦ, ଚିତ୍ତରଞ୍ଜନ କବି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ୧୨୬ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରି ପୁରସ୍କୃତ କରିଥିଲେ। ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବାରୁ ଅତିଥିମାନେ ଏହି ବିଦ୍ୟାଳୟର ଶିକ୍ଷୟିତ୍ରୀ ନେତ୍ରମଣୀ ଖଟୁଆ, ସସ୍ମିତା ଦଳାଇ, ସ୍ନେହଲତା ଦାସ, ସଙ୍ଘମିତ୍ରା ସାମନ୍ତ, ପରିଚାଳନା କମିଟିର ସଭାପତି ସ୍ୱରୂପ ଜେନା ଓ ମୋ' ସ୍କୁଲ କମିଟିର ସଭାପତି ସଞ୍ଜୟ କୁମାର ନାୟକଙ୍କୁ ଉପଢୌକନ, ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ବିଦ୍ୟାଳୟକୁ ପ୍ରତିଟି କ୍ଷେତ୍ରରେ ସାହାଯ୍ୟ, ସହଯୋଗ କରି ଆସୁଥିବା ପରିଚାଳନା କମିଟି ସମସ୍ତ ସଭ୍ୟାସଭ୍ୟ ଓ ଅଞ୍ଚଳର ବୟସ୍କ ବ୍ୟକ୍ତିମାନଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦିଲୀପ କୁମାର ଜେନା, ବ୍ରଜ କିଶୋର ଜେନା,ନିହାରିକା ସ୍ୱାଇଁ ପରିଚାଳନା କରିଥିଲେ । ଶେଷରେ ସ୍ନିଗ୍ଧା ସୁଚରିତା ସାହୁ ଧନ୍ୟବାଦ ଦେଇଥିଲେ।

# ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

■ମାଓବାଦୀପ୍ରବଣ କନ୍ଧମାଳ, ବୌଦ୍ଧ ଓ ଆନ୍ଧ୍ର ସୀମା ଉପରେ ନଜର

■ସି-ଭିଜିଲ ଆପ୍‌ରେ ଆସିଛି ୨୭୦୦ ଅଭିଯୋଗ

ଛତ୍ରପୁର,୧୨।୪
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଓଡିଶା ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଶୁକ୍ରବାର ଗଞ୍ଜାମ ଜିଲା ଗସ୍ତରେ ଆସି ୨୦୨୪ ସାଧାରଣ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ସେ ଏଠାରେ ୪ ଜିଲା ଯଥା ଗଞ୍ଜାମ, ଗଜପତି, କନ୍ଧମାଳ ଓ ବୌଦ୍ଧର ନିର୍ବାଚନ ପ୍ରସ୍ତୁତି ସହ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ଉକ୍ତ ୪ ଜିଲାର ଜିଲାପାଳ, ଏସ୍‌ପି ଓ ରିର୍ଟର୍ନିଂ ଅଫିସର ଯୋଗଦେଇ ନିଜ ନିଜ ଜିଲାର ନିର୍ବାଚନ ପ୍ରସ୍ତୁତି ଓ ଆଇନଶୃଙ୍ଖଳା ସ୍ଥିତି ସମ୍ପର୍କରେ ଜଣାଇଥିଲେ। ପରେ ମୁଖ୍ୟ ନିର୍ବାଚନ ଅଧିକାରୀ ଖବରଦାତା ସମ୍ମିଳନୀ କରିଥିଲେ।

ଗଞ୍ଜାମ ଜିଲାକୁ ଲାଗି ରହିଥିବା ଆନ୍ଧ୍ର ସୀମାରେ ଚେକିଂ ପୋଷ୍ଟ ରହିଛି। ଏଥିପ୍ରତି ତୀକ୍ଷଣ ଦୃଷ୍ଟି ରଖାଯାଇଛି। ଭୋଟ ଗ୍ରହଣ ପୂର୍ବରୁ ଗାଡି ଯାଞ୍ଚକୁ ଆହୁରି କଡାକଡି କରାଯିବ। ମାଓବାଦୀ ପ୍ରବଣ କନ୍ଧମାଳ ଓ ବୌଦ୍ଧ ଜିଲାରେ ନିର୍ବାଚନ କିଭଳି ସୁରୁଖୁରୁରେ ହେବ ତା ଉପରେ ଗୁରୁତ୍ୱ ଦିଆଯାଉଛି । ମୁଖ୍ୟ ନିର୍ବାଚନ ଅଧିକାରୀ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି ଓଡିଶା ଓ ଆନ୍ଧ୍ରର ଭୋଟ ପରିଚୟ ପତ୍ର କେତେକ ଲୋକଙ୍କ ନିକଟରେ ଥିବା ନଜରକୁ ଆସିଛି । ଏହାଉପରେ ଜିଲ୍ଲାପାଳମାନଙ୍କ ସହ ଆଲୋଚନା ହୋଇଛି। ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଗତଥର ମତଦାନ ପ୍ରତିଶତ କମ ହୋଇଥିଲା। ଏହା ଯେଭଳି ଶତ ପ୍ରତିଶତ ହେବ ସେ ନେଇ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସି-ଭିଜିଲ ଆପରେ ନିର୍ବାଚନ ଆଚରଣବିଧି ଉଲଙ୍ଘନ ସମ୍ପର୍କରେ ଭିଡିଓ କିମ୍ବା ଚିତ୍ର ସହ ଅଭିଯୋଗ ଦେଇହେବ । ଅଭିଯୋଗ ପାଇବାର ୧୦୦ ମିନିଟ ମଧ୍ୟରେ ଫ୍ଲାଇଙ୍ଗ ସ୍କ୍ୱାର୍ଡ ପହଞ୍ଚି ପଦକ୍ଷେପ ନେବେ। ଅଭିଯୋଗକାରୀଙ୍କ ନାମ ଗୋପନ ରଖାଯିବ। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ସି-ଭିଜିଲ ଆପରେ ନିର୍ବାଚନ ଆଚରଣବିଧି ଉଲଘଂନ ନେଇ ୨୭୦୦ ଅଭିଯୋଗ ଆସିଛି । ନିର୍ବାଚନ ଦାୟିତ୍ୱରେ ଥିବା ପୋଲିଂ ଅଧିକାରୀ ପୋଲିସ ଅଫିସର ଓ କର୍ମଚାରୀ, ଡ୍ରାଇଭର ଏବଂ ନିର୍ବାଚନ କମିଶନଙ୍କ ଠାରୁ ପରିଚୟ ପତ୍ର ମିଳିଥିବା ସାମ୍ବାଦିକଙ୍କ ଲାଗି ପୋଷ୍ଟାଲ ବାଲଟ ସୁବିଧା କରାଯାଇଛି। ଏଥିସହ ୮୫ ବର୍ଷରୁ ଉର୍ଦ୍ଧ୍ୱ ଭୋଟର ଓ ଦିବ୍ୟାଙ୍ଗଙ୍କ ପାଇଁ ହାଉସ ଭୋଟିଙ୍ଗ ବ୍ୟବସ୍ଥା କରାଯାଇଥିବାବେଳେ ୮୦ ବର୍ଷୀୟ ଭୋଟର ଓ ଦିବ୍ୟାଙ୍ଗ ଭୋଟ କେନ୍ଦ୍ରକୁ ଆସିବା ପାଇଁ ଗାଡି ବ୍ୟବସ୍ଥା ହୋଇଥିବା ସୂଚନା ଦିଆଯାଇଛି। ସେକ୍ଟର ଅଫିସରଙ୍କ ଗାଡ଼ିରେ ପାରା ମେଡିକାଲ ଷ୍ଟାଫ ରହିବେ। ମୋବାଇଲ ହେଲଥ ୟୁନିଟ ଭୋଟ ଦାନ ବେଳେ ବୁଲିବ। ୧୦ ପ୍ରତିଶତ ବୁଥକୁ ସଖି ବୁଥ କରାଯିବ। ସେଠାରେ ପୋଲିଂ ଅଧିକାରୀ ମହିଳା ରହିବେ । ନୂଆ ଭୋଟରଙ୍କୁ ବୁଥକୁ ଆସିବା ବେଳେ ସ୍ୱାଗତ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡଃ ଅନ୍. ତିରୁମାଲା ନାୟକ, ଦକ୍ଷିଣାଞ୍ଚଳ ଆଇ. ଜି. ଅଫ୍ ପୋଲିସ୍ ଜୟ ନାରାୟଣ, ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡଃ ସାର୍ଥକ ଷଡଙ୍ଗୀ, ଗଞ୍ଜାମ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡା, ବୌଦ୍ଧ ଜିଲାପାଳ ଜେ. ସୋନାଲ, କନ୍ଧମାଳ ଜିଲାପାଳ ଆଶିଷ୍ ଈଶ୍ୱର ପାଟିଲ, ଗଜପତି ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ଏବଂ କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଗଜପତି ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାରୀ, ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଉଛନ୍ତି।

## ସଂକ୍ଷେପରେ

### ପୂର୍ବତନ ବିଧାୟକଙ୍କ ମାତୃ ବିୟୋଗ



ଛତ୍ରପୁର,୧୨।୪(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)-ଛତ୍ରପୁରର ପୂର୍ବତନ ବିଧାୟକ ଅଶୋକ ଚୌଧୁରୀଙ୍କ ମାତା ହରପ୍ରିୟା ଚୌଧୁରୀ(୯୪)ଙ୍କ ଶୁକ୍ରବାର ମଧ୍ୟାହ୍ନରେ ନିଜ ବାସଭବନରେ ପରଲୋକ ଘଟିଛି। ସେ ତାଙ୍କ ସ୍ୱାମୀ ତଥା ପୂର୍ବତନ ଶିକ୍ଷାଧିକାରୀ ସ୍ୱର୍ଗତ ତ୍ରିନାଥ ଚୌଧୁରୀଙ୍କ ଗାନ୍ଧୀବାଦୀ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ଛତ୍ରପୁର କୋ-ଅପରେଟିଭ ଓ ବ୍ରହ୍ମପୁର କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶିକା ଥିଲେ। ସେ ପରୋପକାରୀ ଓ ଧର୍ମପରାୟଣ ମହିଳା ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ଅଶୋକ, ଅଶ୍ୱିନୀ, ଅମିୟ, ପୁତ୍ରବଧୂ କଲ୍ୟାଣୀ, ସୁଚିତ୍ରା ଓ ନାତିନାତୁଣୀ ଉପସ୍ଥିତ ଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ଅନ୍ତେଷ୍ଟିକ୍ରିୟା ହୋଇଛି।

### ପ୍ରଧାନ ଶିକ୍ଷକ ସମ୍ମିଳନୀ

ଶେରଗଡ,୧୨।୪(ସୂର୍ଯ୍ୟ ନାରାୟଣ ଦାଶ): କୃଷ୍ଣଛାଇ ଉଚ୍ଚ ବିଦ୍ୟାଳୟରେ ଶେରଗଡ଼ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ପାଢୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଗ୍ରୀଷ୍ମ ପ୍ରବାହ ସମୟରେ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ରଖିବା ପାଇଁ ନିଆଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯିବା ସହ ନାମଲେଖା, ପାଠପଢ଼ା, ଛାତ୍ରଛାତ୍ରୀଙ୍କୁ ସରକାରୀ ସହାୟତା ସମ୍ପର୍କରେ ଅବଗତ କରିବାକୁ ଆଲୋଚନା ହୋଇଥିଲା। ଉକ୍ତ ସମ୍ମିଳନୀରେ ଏବିଇଓ ଶୈରନ୍ଧ୍ରୀ ଦଳେଇ ଯୋଗ ଦେଇଥିଲେ।

### ୬ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ

ମୋହନା,୧୨।୪(ମନ୍ମଥ ମିଶ୍ର)

ଗଜପତି ଜିଲା ଅଡ଼ବା ପୋଲିସ ରାଜପୁର ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚୋରା ଚାଲାଣ ପାଇଁ ରଖାଯାଇଥିବା ୬୦୫କିଲୋ ଗଞ୍ଜେଇକୁ ଜବତ କରିଛି। ଜଙ୍ଗଲରେ ପ୍ରାୟ ୨୧ଟି ଜରି ବସ୍ତାରେ ଚୋରା ଚାଲାଣ ପାଇଁ ଗଞ୍ଜେଇ ରଖାଯାଇଥିଲା। ଖବର ପାଇଁ ପୋଲିସ ସେଠାରେ ପହଞ୍ଚି ଗଞ୍ଜେଇକୁ ଜବତ କରିଥିବା ବେଳେ ପୋଲିସର ଚଢ଼ାଉ ବେଳେ ଉକ୍ତ ସ୍ଥାନରୁ ଗଞ୍ଜେଇ ମାଫିଆ ଫେରାର ହୋଇଯାଇଛନ୍ତି। ଏ ନେଇ ନଂ.୫୮/୨୪ ରେ ଏକ ମାମଲା ରୁଜୁ କରି ଅଧିକା ତଦନ୍ତ କରୁଥିବା ଅଡବା ଥାନା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଡୁଡା ପିଡିଙ୍କ ସମୀକ୍ଷା

ଛତ୍ରପୁର,୧୨।୪(ଦିଲୀପ ସାମଲ):

ଗଞ୍ଜାମ ଜିଲା ନଗର ଉନ୍ନୟନ ସଂସ୍ଥା(ଡୁଡା)ର ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପଟେଲ ଶୁକ୍ରବାର ଆଭାସୀ ମାଧ୍ୟମରେ ଜିଲାର ସହରାଞ୍ଚଳରେ ଚାଲିଥିବା କାର୍ଯ୍ୟଗୁଡିକର ସମୀକ୍ଷା କରିଛନ୍ତି। ସହରାଞ୍ଚଳ ଗୁଡିକରେ ଅଧାପନ୍ତରିଆ ରହିଥିବା କାର୍ଯ୍ୟ ଗୁଡିକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବା ନିମନ୍ତେ ସେ ସମସ୍ତ ନିର୍ବାହର ଅଧିକାରୀମାନଙ୍କୁ କହିବା ସହିତ ଲକ୍ଷ୍ୟଧାର୍ଯ୍ୟ ଅନୁସାରେ ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱ ଦେବା ନିମନ୍ତେ କହିଥିଲେ। ଏହାସହିତ ମୁକ୍ତା, ଅମୃତ ଠାରୁ ଆରମ୍ଭ କରି ବିଭିନ୍ନ ଯୋଜନାର ଚାଲିଥିବା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା ହୋଇଥିଲ। ଏଥିରେ ସମସ୍ତ ଇଓ ଏବଂ ଡୁଡା କାର୍ଯ୍ୟାଳୟ କର୍ମଚାରୀମାନେ ଯୋଡିହୋଇଥିଲେ।

## ରାସ୍ତାରୁ ବିପଦପୂର୍ଣ୍ଣ ଗଛ ହଟାଇଲା ପ୍ରଶାସନ



ଧରାକୋଟ,୧୨।୪(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ଥାନା ଛକଠାରୁ ତାଳପାଟଣା ରାସ୍ତା ପାର୍ଶ୍ୱରେ ବିପଦପୂର୍ଣ୍ଣ ଭାବେ ବିରାଟ ଶୁଖିଲା ଗଛ ରହିଥିଲା। ଏ ସମ୍ପର୍କରେ ଗଣମାମଧ୍ୟମରେ ଖବର ପ୍ରକାଶ ପାଇଥିଲା। ଧରାକୋଟର ସାମାଜିକ କର୍ମୀ ବନବାସ ସ୍ୱାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଯନ୍ତ୍ରୀ, ସ୍ଥାନୀୟ ବନ ବିଭାଗ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଉଭୟ ବିଭାଗର ପଦାଧିକାରୀଙ୍କ ସହଯୋଗରେ ବିପଦଜ୍ଜନକ ସ୍ଥିତିରେ ରହିଥିବା ଶୁଖିଲା ଗଛକୁ କଟାଯାଇଛି। ସୂଚନାଯୋଗ୍ୟ, ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଲୋକ ଋଷିକୁଲ୍ୟା ନଦୀର ଉତ୍ତର ପାର୍ଶ୍ୱରେ ଥିବା ୫ଟି ପଞ୍ଚାୟତ ସହ ଭଞ୍ଜନଗରକୁ ଯାତାୟାତ କରିଥାନ୍ତି। ରାସ୍ତା ପର୍ଶ୍ୱରୁ ଶୁଖିଲା ଗଛ ହଟିବା ପରେ ଜନସାଧାରଣ ଆଶ୍ୱସ୍ତ ହୋଇଛନ୍ତି।

## ୭୨୪ ବୁଥ୍ ପାଇଁ ୫୫୭୬ ମେଶିନ ପହଞ୍ଚିଲା

### ଭଞ୍ଜନଗର ଷ୍ଟ୍ରଙ୍ଗରୁମ୍‌ରେ କଡ଼ା ସୁରକ୍ଷାରେ ରଖାଗଲା


ମେଶିନ ଗୁଡ଼ିକୁ ରଖାଯାଉଛି।

ଭଞ୍ଜନଗର,୧୨।୪(ବାବୁଲା ପ୍ରଧାନ)

ଭଞ୍ଜନଗର, ଆସିକା ଏବଂ ସୋରଡ଼ା ନିର୍ବାଚନ ମଣ୍ଡଳୀରେ ଥିବା ୭୨୪ଟି ବୁଥ୍‌ର ଲୋକ ସଭା ବୁଥ୍ ପାଇଁ ଆବଶ୍ୟକ ସିୟୁ, ଭିଭିପିଏଟି ଏବଂ ବିୟୁ ମେଶିନ ଗୁରୁବାର ବିଳମ୍ବିତ ରାତିରେ ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌ରେ ପହଞ୍ଚିଥିଲା। ଏହାର ୨ ଦିନ ପୂର୍ବରୁ ବିଧାନସଭା ପାଇଁ ଆବଶ୍ୟକ ମେଶିନଗୁଡ଼ିକ କଲେଜରେ ଆଣି ରଖାଯାଇଥିଲା। ସର୍ବମୋଟ ୫୫୭୬ଟି ମେଶିନ ଆଣି ରଖାଯାଇଛି। ସେଥିମଧ୍ୟରେ ୩୦ ପ୍ରତିଶତ ମେଶିନ ବଳକା ଆସିଛି। ତାହାକୁ ଆବଶ୍ୟକ ସ୍ଥଳେ ବ୍ୟବହାର କରାଯିବ। ଶୁକ୍ରବାର ସକାଳ ପର୍ଯ୍ୟନ୍ତ ମେଶିନଗୁଡ଼ିକୁ କଡ଼ା ସୁରକ୍ଷା ମଧ୍ୟରେ ରଖିବା ପ୍ରକ୍ରିୟା ଚାଲିଥିଲା। ଭଞ୍ଜନଗର ଉପଜିଲାପାଳ ଅନୀଲ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଭଞ୍ଜନଗର, ଆସିକା ଏବଂ ବେଲଗୁଣ୍ଠା ତହସିଲଦାର ସମେତ ଭଞ୍ଜନଗର ବିଡିଓ, ନିର୍ବାଚନ ସେକ୍ସନ କର୍ମଚାରୀ ମୁକ୍ତିକାନ୍ତ ନାୟକ ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ।

## ଗୁରୁନାଥ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଛତ୍ରପୁର ବିଧାୟକ ପ୍ରାର୍ଥୀ

ଛତ୍ରପୁର,୧୨।୪(ଦିଲୀପ ସାମଲ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଛତ୍ରପୁର ବିଧାୟକ ପ୍ରାର୍ଥୀ ଭାବେ ଶ୍ରମିକ ନେତା ଗୁରୁନାଥ ପ୍ରଧାନଙ୍କ ନାମ ସର୍ବସମ୍ମତି କ୍ରମେ ଘୋଷଣା କରାଯାଇଛି। ଶୁକ୍ରବାର ଛତ୍ରପୁର ଲକ୍ଷ୍ମଣ ଭବନ ପରିସରରେ ରାଜୀବ ଲୋଚନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏହା ଘୋଷଣା କରାଯାଇଛି। ସଭାରେ ସିପିଆଇ ଜାତୀୟ ପରିଷଦର ସଦସ୍ୟ ଆଶିଷ କାନୁନଗୋ, ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟ ଜୟନ୍ତ ଦାଶ, ଜିଲା ସମ୍ପାଦକ ପ୍ରକାଶ ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀହର୍ଷ ରଥ, ନୀଳକଣ୍ଠ ଦାଶ, ଡି. ଆଦି ନାରାୟଣ ରେଡ୍ଡୀ, ସି. ଏଚ୍. ଜନାର୍ଦ୍ଦନ ରେଡ୍ଡୀ, ଦଣ୍ଡପାଣି ପାତ୍ର, ଉତ୍କଳ ମହିଳା ସମିତିର ଉପସଭାନେତ୍ରୀ ଏନ୍. ଭାନୁମତି ରେଡ୍ଡୀ ପ୍ରମୁଖ ଯୋଗ ଦେଇଥିଲେ।

## ଭାଜପାରେ ମିଶିଲେ ବିକ୍ରମପୁର ପୂର୍ବତନ ସରପଞ୍ଚ


କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ବିଧାୟକ ପ୍ରାର୍ଥୀ ଓ ନୂତନ କର୍ମୀ।

ଖଲ୍ଲିକୋଟ,୧୨।୪(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବିକ୍ରମପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ମମତା ପ୍ରଧାନ, ଯୁବନେତା ଧନୁ ପ୍ରଧାନ, ଭଗବାନ ପ୍ରଧାନଙ୍କ ସମେତ ଶତାଧିକ ସମର୍ଥକ ଶୁକ୍ରବାର ଭାଜପା ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ବାସଭବନରେ ଆୟୋଜିତ କାର୍ଯ୍ୟକ୍ରମର ଭାଜପାରେ ଯୋଗଦେଇଛନ୍ତି। ଭାଜପା ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ବିଧାୟକ ପ୍ରାର୍ଥୀ ସେଠୀ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହି ସମୟରେ ଭାଜପା ନେତା ଅନୀଲ ପଣ୍ଡା, ଯଜ୍ଞନାରାୟଣ ଦାଶ, ଶଙ୍କର ପ୍ରସାଦ ନାହାକଙ୍କ ସମେତ ବହୁ ଭାଜପା ନେତା ଉପସ୍ଥିତ ଥିଲେ।

## ପ୍ରଚାର ଆରମ୍ଭ କଲେ ଭାଜପା ଆସିକା ଏମ୍‌ପି ପ୍ରାର୍ଥୀ

କବିସୂର୍ଯ୍ୟନଗର,୧୨।୪(କୃପାସିନ୍ଧୁ ସ୍ୱାଇଁ)


ଭାଜପା ଆସିକା ଏମ୍‌ପି ପ୍ରାର୍ଥିନୀ ଓ କବିସୂର୍ଯ୍ୟନଗର ବିଧାୟକ ପ୍ରାର୍ଥୀ ଭୋଟଭିକ୍ଷା କରୁଛନ୍ତି।

କବିସୂର୍ଯ୍ୟ ନିର୍ବାଚନମଣ୍ଡଳୀର ନିର୍ବାଚନୀ ଉଷ୍ମତା ଦିନକୁ ଦିନ ବଢ଼ିବାରେ ଲାଗିଛି । ମୁଖ୍ୟତଃ ଭାଜପା ୩ ପ୍ରମୁଖ ଦଳଠାରୁ ପ୍ରଚାର ମଇଦାନରେ ସର୍ବାଗ୍ରେ। ପ୍ରଥମ ଥର ପାଇଁ ଭାଜପାରୁ ଟିକେଟ ପାଇବା ପରେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି କବିସୂର୍ଯ୍ୟନଗର ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ପ୍ରତାପ ନାୟକ ଓ ଦ୍ୱିତୀୟ ଥର ପାଇଁ ଭାଗ୍ୟ ପରୀକ୍ଷା କରୁଛନ୍ତି ଆସିକା ଏମ୍‌ପି ପ୍ରାର୍ଥିନୀ ଅନିତା ଶୁଭ ପ୍ରିୟଦର୍ଶିନୀ ପଟ୍ଟନାୟକ। ନିଜ ସମର୍ଥକମାନଙ୍କୁ ନେଇ ବାଉଁଶିଆ, ଅର୍ଜ୍ଜୁନପଲ୍ଲୀ, କମଳପୁର ଆଦି ଗାଁକୁ ଗାଁ ବୁଲି ପ୍ରଚାର କରିଛନ୍ତି। ଏଥିରେ କବିସୂର୍ଯ୍ୟନଗର ଭାଜପା ମଣ୍ଡଳ ସଭାପତି ଶ୍ରୀକାନ୍ତ ମହାରଣା, କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ ସଂଯୋଜକ ଶ୍ରୀକାନ୍ତ ପଣ୍ଡା, ଭାଜପା କର୍ମୀ ଅଜୟ ପାତ୍ର, ନାରାୟଣ ବିଶ୍ୱାଳ, ସୀମାଞ୍ଚଳ ବିଶ୍ୱାଳ, ଗୁରୁନାଥ ଗୌଡ଼, ସୁଶୀଲ କରଣ, ନବକିଶୋର ବିଶ୍ୱାଳ, ବବୁଲ ଜେନା, ଶୁଭମ ଗୌଡ଼, ମିଥୁନ କରଣ, ସନ୍ତୋଷ ପରିଡ଼ା, ପିଣ୍ଟୁ ଦଳାଇ, କାଳିଆ ନାହାକ, ଦେବାଶିଷ ଡାକୁଆ, ଲକ୍ଷଣ ବିଶ୍ୱାଳ, ଦୁର୍ଗାମାଧବ ନାହାକ ପ୍ରମୁଖ ଶତାଧିକ ଭାଜପା କର୍ମୀ ସାମିଲ ଥିଲେ।

## ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଆସିକା/ଶେରଗଡ଼,୧୨।୪(ସୁରେନ୍ଦ୍ର ନାଥ ସାହୁ/ସୂର୍ଯ୍ୟ ନାରାୟଣ ଦାଶ):

ଆସିକା ଥାନା ଅଞ୍ଚଳରେ ଆଗାମୀ ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷତାର ସହ ସମ୍ପାଦନ କରିବା ଲାଗି ପୋଲିସ ପକ୍ଷରୁ ଗୁରୁବାର ଓ ଶୁକ୍ରବାର ୨ଦିନ ଧରି ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, କୋଦିନ୍ଦା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ଶାହା, ସୋରଡା ଥାନା ଅଧିକାରୀ ଅନିଲ କୁମାର ପରିଡା, ସିଆଇଏସଏଫ ଇନ୍ସପେକ୍ଟର ଆଲୋକ ସରକାରଙ୍କ ସମେତ ସିଆଇଏସଏଫର ଗୋଟିଏ ବାଟାଲିୟନ ସମେତ ୨ ପ୍ଲାଟୁନ ପୋଲିସ ଫ୍ଲାଗ ମାର୍ଚ୍ଚରେ ସାମିଲ ଥିଲେ।

ସେହିପରି ଶେରଗଡ଼ରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଶେରଗଡ ଥାନା ଅଧିକାରୀ ବୀରେନ୍ଦ୍ର ସିଆଳ, କୋଦିନ୍ଦା ଥାନା ଅଧିକାରୀ କୃଷ୍ଣ ସାହା, ଏସଆଇ ସତ୍ୟଜିତ ବେଣିଆଙ୍କ ସମେତ ଥାନାର ସମସ୍ତ ପୋଲିସ ଓ ୩୫ ଜଣ ସିଆଇଏସଏଫ ଯବାନ ଥାନାରୁ ବାହାରି ରାମଗିରି, ଶେରଗଡ ପରିକ୍ରମା କରିଥିଲେ।

## ବିଜେଡି କାର୍ଯ୍ୟାଳୟରେ ରକ୍ତଦାନ ଶିବିର



କବିସୂର୍ଯ୍ୟନଗର,୧୨।୪(କୃପାସିନ୍ଧୁ ସ୍ୱାଇଁ)

ଦ୍ୱିତୀୟ ଥର ଲାଗି କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କୁ ଦଳ ପ୍ରାର୍ଥୀ କରିଥିବା ବେଳେ ରବିବାର ସ୍ଥାନୀୟ ପାର୍ଟି କାର୍ଯ୍ୟାଳୟରେ ଦଳୀୟ କର୍ମୀମାନେ ଜନ୍ମଦିନ ପାଳନ କରିଛନ୍ତି। ଜନ୍ମଦିନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର କବିସୂର୍ଯ୍ୟନଗର ବିଜେଡି କାର୍ଯ୍ୟାଳୟଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଲତିକା ପ୍ରଧାନ ଯୋଗଦେଇ ଥିବା ବେଳେ ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏଥିରେ ବିଜେଡି ରାଜ୍ୟ ସମ୍ପାଦକ ସୁବାସ ମହାରଣା, ନଗର ବିଜେଡି ସଭାପତି ଭଗବାନ ସ୍ୱାଇଁ, ନିର୍ବାଚନମଣ୍ଡଳୀ ସଭାପତି ରସଲ ଦାସ, ଏନ୍‌ଏସି ଅଧ୍ୟକ୍ଷା ଏସ୍. ଲକ୍ଷ୍ମୀ ସେଠୀ, ଏନ୍‌ଏସି ଉପାଦକ୍ଷ ବିକ୍ରାନ୍ତ କୁମାର ସାହୁ, ନଗର ବିଜେଡି ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ସୂର୍ଯ୍ୟନାରାୟଣ ନାୟକ, ରାକେଶ ପ୍ରଧାନ, ରାଜେନ୍ଦ୍ର ଖଟେଇ, ସୁରଜ ରେଡି, ବିପିନ ଶତପଥୀ, ଆଦିତ୍ୟ ତ୍ରିପାଠୀ, ସୁନୀଲ ପୋଲାଇ ପ୍ରମୁଖ ବହୁ ବିଜେଡି କର୍ମକର୍ତ୍ତା ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ଇତିହାସ, ରସାୟନ ବିଭାଗର ପାଠଚକ୍ର

ଆସିକା,୧୨।୪(ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ କେନ୍ଦୁପଦରସ୍ଥିତ ଏନ୍‌ବିସି କଲେଜରେ ଶୁକ୍ରବାର ଇତିହାସ ବିଭାଗ ଓ ରସାୟନ ବିଭାଗ ପକ୍ଷରୁ ପୃଥକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଇତିହାସ ବିଭାଗର ସ୍ନାତକ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ବିବିଧତା ମଧ୍ୟରେ ଏକତା ଭାରତୀୟ ସଂସ୍କୃତିର ଏକ ଅନନ୍ୟ ବୈଶିଷ୍ଟ୍ୟ ବିଷୟ ଉପରେ ଆଧାରିତ ପାଠଚକ୍ରରେ ସ୍ନାତକ ଶେଷ ବର୍ଷ ଛାତ୍ରୀ ଶୁକ୍ଷଶ୍ରୀ ବିଶ୍ୱାଳ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ବିଷୟ ବିଶେଷଜ୍ଞ ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ ବିଶ୍ୱାଳ ଯୋଗ ଦେଇଥିଲେ। ସେହିଭଳି ରସାୟନ ବିଜ୍ଞାନ ପାଠଚକ୍ରରେ କେମିକାଲସ ଆଣ୍ଡ କେମିକାଲ ପ୍ରୋସେସ ଇନ ଫରେନସିକ ଷ୍ଟଡିସ ଷ୍ଟଡିକୁ ବିଭାଗୀୟ ମୁଖ୍ୟ ଡ. ଜୀବନକୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ସ୍ନାତକ ଶେଷ ବର୍ଷ ଛାତ୍ରୀ ରାଜ ରାଜେଶ୍ୱରୀ ଭଞ୍ଜ ଓ ଛାତ୍ର ଅମିତ ପଣ୍ଡା ଉପସ୍ଥାପନା କରିଥିଲେ। କଲେଜ ଅଧ୍ୟକ୍ଷ ହରିଶଙ୍କର ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପାଠଚକ୍ରରେ ବିଭାଗୀୟ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ସାମିଲ ଥିଲେ।

## ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

କୋଦଳା,୧୨।୪(ଅମିତ କୁମାର ପଟ୍ଟନାୟକ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କୋଦଳା ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟର ଆତ୍ମରକ୍ଷା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କାର୍ଯ୍ୟକ୍ରମ ଅଧିକାରିଣୀ ରଞ୍ଜୁବାଳା ନନ୍ଦ ଆଲୋକପାତ କରିଥିଲେ। ଏଥିରେ ପରିଚାଳନା ପରିଷଦର ସଭାପତି ସୂର୍ଯ୍ୟନାରାୟଣ ଦୋରା ଯୋଗଦେଇ କାର୍ଯ୍ୟକ୍ରମର ଉପକାରିତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ମୁଦୁଲି ସଭାରେ ସଭାପତିତ୍ୱ କରିଥିବା ବେଳେ ମହାବିଦ୍ୟାଳୟର ଏନ୍‌ଏଏସି ସଂଯୋଜକ ବିଷ୍ଣୁନାରାୟଣ ସେଠୀ ଛାତ୍ରୀମାନଙ୍କ ସୁରକ୍ଷା ପାଇଁ କ'ଣ ଆଇନ ସହାୟତା ଅଛି ସେ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ତାଲିମ ପ୍ରଶିକ୍ଷକ ଭାରତୀ ଗୌଡ଼ ପ୍ରତ୍ୟେକ କାର୍ଯ୍ୟକ୍ରମ ଉପରେ ଧାରଣା ଦେଇଥିଲେ। ସଭା ଶେଷରେ ଅଧ୍ୟାପକ ସପନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକଙ୍କ ମୃତଦେହ ଜବତ

ରମ୍ଭା,୧୨।୪(ବନବାସୀ ସେଠୀ)

ସ୍ଥାନୀୟ ୧୬ ନମ୍ବର ଜାତୀୟ ରାଜପଥ ବାଇପାସ୍ ଓଭର ବ୍ରିଜ୍ ମିଞ୍ଚିନି ପାଟଣା ସ୍ଥିତ ଟୋଲ୍‌ଗେଟ୍ ସନ୍ନିକଟ ରେଳ ଲାଇନରେ ଏକ ଅଜଣା ଯୁବକର ମୃତଦେହ ରେଳବାଇ ପୋଲିସ ଜବତ କରିଛି। ଓଭରବ୍ରିଜ୍ ପାର୍ଶ୍ୱରେ ତାରଜାଲି ବ୍ୟାରିକେଟ ନ ଥିବା ଯୋଗୁ ଏଠାରେ ବାରମ୍ବାର କୌଣସି ନା କୌଣସି କାରଣରୁ ଯୁବକ ଯୁବତୀଙ୍କୁ ମାରି ଫିଙ୍ଗିଦେବାର ସ୍ଥାନୀୟ ବାସିନ୍ଦା କହୁଥିବା ବେଳେ ଏହା ଜଣେ କିନ୍ନରଙ୍କ ମୃତଦେହ ବୋଲି ଜଣାପଡ଼ିଛି। ବର୍ତ୍ତମାନ ଗଞ୍ଜାମରେ ଚାଲିଥିବା ଦଣ୍ଡନୃତ୍ୟରେ ସେ ଅଭିନୟ କରି କୌଣସି କାରଣରୁ ସନ୍ଦେହଜନକ ମୃତ୍ୟୁ ହୋଇଥିବା ଜଣାଯାଇଛି। ଏହାକୁ ରେଳବାଇ ପୋଲିସ ତଦନ୍ତ କରୁଛି।

## ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମ୍ମିଳନୀ

ଭଞ୍ଜନଗର,୧୨।୪(ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ ମୁଜାଗଡ଼ଠାରେ ଶୁକ୍ରବାର ସପ୍ତମ ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହଗୋଷ୍ଠୀ ଶିକ୍ଷାଧିକାରୀ ସୂର୍ଯ୍ୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀକୁ ବଡକୋଦଣ୍ଡା ଜବାହାର ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ ଜେନା ଉଦଘାଟନ କରିଥିଲେ। ସମ୍ବଳ ଶିକ୍ଷକ ଭାବେ ବାହାଡାପଦର ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଗାଳେରି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଆଦିତ୍ୟ ପ୍ରସାଦ ତ୍ରିପାଠୀ ଯୋଗଦେଇ ପରୀକ୍ଷା ପରବର୍ତ୍ତୀ ଛାତ୍ରଛାତ୍ରୀଙ୍କ ନାମଲେଖା, ଶିକ୍ଷାଦାନ, ପୁସ୍ତକ ବ୍ୟାଙ୍କ, ଅନ୍‌ଲାଇନ କ୍ଲାସ ଆଦି ବିଷୟ ଉପରେ କହିଥିଲେ। ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷା ବୈଜୟନ୍ତୀମାଳା ପ୍ରିୟଦର୍ଶିନୀ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୟୁ.ବି ହାଇସ୍କୁଲ ପ୍ରଧାନଶିକ୍ଷକ ଉମାକାନ୍ତ ନାହାକ ଗତ ବୈଠକର ବିବରଣୀ ପାଠ କରିଥିଲେ । ସମ୍ମିଳନୀରେ ବ୍ଲକର ସମସ୍ତ ୨୭ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।


ଉପସ୍ଥିତ ପ୍ରଧାନ ଶିକ୍ଷୟିତ୍ରୀ,ଶିକ୍ଷକ।

